

ଦ୍ୱିତୀୟ ବର୍ଷ ● ଚତୁର୍ଥ ସଂଖ୍ୟା
ମଇ-ଜୁନ୍, ୨୦୧୭

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)








ଦୀପିକା ଇଂଲିସ୍ ମିଡିୟମ୍ ସ୍କୁଲ, ରାଉରକେଲାର ଛାତ୍ରଛାତ୍ରୀମାନଙ୍କୁ
ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ଉଦ୍‌ବୋଧନ ।
ମଞ୍ଚାସୀନ ଅଛନ୍ତି ବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ।






ବେଦ ପ୍ରଚାର ସମିତି, ଟିଟିଲାଗଡ଼ ପକ୍ଷରୁ ସ୍ଥାନୀୟ ଜୈନ ଭବନଠାରେ ବେଦ ପ୍ରବଚନ



ଟିଟିଲାଗଡ଼ ପ୍ରବଚନରେ ଉପସ୍ଥିତ ଶ୍ରୋତୃବୃନ୍ଦ



ବାଲିମେଳା ଶିବିରରେ ରାତ୍ରିକାଳୀନ ପ୍ରବଚନର ଦୃଶ୍ୟ






ବେଦ ପ୍ରଚାର ସମିତି, ଆର୍ଯ୍ୟସମାଜ ବାଲିମେଳା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଦ୍ୱିଦିବସୀୟ ଜୀବନ ନିର୍ମାଣ ଶିବିର





ଜୀବନ ନିର୍ମାଣ ଶିବିରରେ ଉପସ୍ଥିତ ଶିବିରାର୍ଥୀଗଣ





ବାଲିମେଳା ସରସ୍ୱତୀ ବିଦ୍ୟାମନ୍ଦିରର ରଜତ ଜୟନ୍ତୀର ଶୁଭାରମ୍ଭ ଉପଲକ୍ଷେ ଯଜ୍ଞାନୁଷ୍ଠାନ

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।


ଶ୍ରୁତିନ୍ୟାସର ମୁଖପତ୍ର

**ଶ୍ରୁତିସୌରଭ**

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org

**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-

**Shruti Sourabha**
Spiritual Social Vedic Magazine
Bimonthly
Vol-2, Issue-4, May-June 2017


## ସୂଚୀପତ୍ର


୦୧. କହି ଜାଣିଲେ କଥା ସୁନ୍ଦର ୦୨
୦୨. ସତ୍ୟାର୍ଥ ପ୍ରକାଶ କ'ଣ ଓ କାହିଁକି ୧୦


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓଁମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# କହି ଜାଣିଲେ କଥା ସୁନ୍ଦର

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ.—** ସ୍ୱାମୀଜୀ ! କଥାରେ ଅଛି— **'କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର ।'** ଆମେ ଅନ୍ୟ ସହ କଥା ହେବା ସମୟରେ କେଉଁ-କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଦରକାର ? କାହିଁକି ନା ଆମର କଥା କହିବାର ଶୈଳୀ ଆମ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ । ଆମେ ଯଦି ରାଗିକି କଥା କହୁ, ତା' ହେଲେ ଲୋକେ ଭାବନ୍ତି ଯେ ଆମେ ଜଣେ କ୍ରୋଧୀ ସ୍ୱଭାବର ବ୍ୟକ୍ତି । ଆମେ ଯଦି ଶାନ୍ତଶିଷ୍ଟ ଭାବରେ କଥା ହେଉ, ତେବେ ଲୋକଙ୍କ ମନରେ ଆମ ପ୍ରତି ଧାରଣା ହୁଏ ଯେ - 'ଏ ଲୋକଟି ବହୁତ ଶାନ୍ତ ସ୍ୱଭାବର ।' ତେଣୁ ଆମେ କଥା କହିବା ବେଳେ ଏମିତି ଆଉ କେଉଁ-କେଉଁ ଦିଗ ପ୍ରତି ଧ୍ୟାନ ଦେଲେ ଆମ କଥା ଅନ୍ୟମାନଙ୍କ ଦ୍ୱାରା ଗ୍ରହଣୀୟ ହେବ ଓ ଅନ୍ୟମାନେ ମଧ୍ୟ ଆମ କଥାରେ ପ୍ରସନ୍ନ ହେବେ ?

**ସ୍ୱାମୀଜୀ —** ଆଜିକାଲି ତ ପୂଜା-ପାଠ ନାମରେ କିମ୍ଭୂତକିମାକାର କାର୍ଯ୍ୟଗୁଡ଼ାଏ କରାଯାଉଛି । ଯେଉଁଥିରେ କି ନା ବ୍ୟକ୍ତିର ବ୍ୟାବହାରିକ ଜୀବନକୁ ସୁନ୍ଦର-ଆକର୍ଷଣୀୟ କରିବାର କିଛି ପ୍ରେରଣା ଅଛି ନା ସମାଜର କୌଣସି କଲ୍ୟାଣ ସାଧିତ ହେଉଛି । କିନ୍ତୁ ବୈଦିକ ଧର୍ମରେ ପ୍ରତ୍ୟହ ଈଶ୍ୱରଙ୍କ ଉପାସନା କରିବାର ଯେଉଁ ବିଧାନ ପ୍ରଦତ୍ତ ହୋଇଛି ତାକୁ କୁହାଯାଏ **'ସନ୍ଧ୍ୟା-ଉପାସନା'** । ସେଥିରେ ଯେଉଁ କର୍ମଗୁଡ଼ିକ କରିବାର ବିଧାନ ଅଛି ସେସବୁରେ ମନୁଷ୍ୟର ବ୍ୟାବହାରିକ ଜୀବନକୁ ଶୁଦ୍ଧ-ସୁନ୍ଦର କରିବାର ଯଥେଷ୍ଟ ପ୍ରେରଣା ଅଛି । କାରଣ ଋଷିମାନଙ୍କର ସ୍ପଷ୍ଟ ସିଦ୍ଧାନ୍ତ ଯେ ମଣିଷର ବ୍ୟାବହାରିକ ଜୀବନ ଓ ଆଧ୍ୟାତ୍ମିକ ଜୀବନ ଗୋଟିଏ ଅନ୍ୟଟିର ପରିପୂରକ । ଗୋଟିକୁ ଅବହେଳା କରି ଅନ୍ୟଟିର ଉତ୍କର୍ଷର ଶିଖରରେ ପହଞ୍ଚିବା ଏକ ଦୁରାଶା ମାତ୍ର । ସନ୍ଧ୍ୟୋପାସନାରେ ଆଚମନ ପରେ ଗୋଟିଏ କ୍ରିୟା କରାଯାଏ - 'ଇନ୍ଦ୍ରିୟସ୍ପର୍ଶ' । ଏଥିରେ ଇନ୍ଦ୍ରିୟଗୁଡ଼ିକୁ ସ୍ପର୍ଶ କରାଯାଏ ଏବଂ ମନ୍ତ୍ର ପଢ଼ାଯାଏ । ଏ ମଧ୍ୟରୁ ଗୋଟିକର କଥା କହିବା ସହିତ ସମ୍ବନ୍ଧ ଅଛି । 'ଇନ୍ଦ୍ରିୟସ୍ପର୍ଶ'ରେ ପ୍ରଥମେ କୁହାଯାଏ **— 'ଓଓମ୍ ବାକ୍ ବାକ୍ ।'** ଏଇଠି ବ୍ୟକ୍ତିକୁ ପ୍ରତିଦିନ ବାକ୍ ଇନ୍ଦ୍ରିୟ ଦ୍ୱାରା କରୁଥିବା କାର୍ଯ୍ୟ ବିଷୟରେ ଚିନ୍ତନ-ମନନ କରିବାକୁ କୁହାଯାଇଛି । କ'ଣ ? ଋଷିମାନଙ୍କ ସନ୍ଦେଶ ହେଲା କି ଈଶ୍ୱରଙ୍କ ପାଖରେ ବ୍ୟକ୍ତି ପ୍ରତ୍ୟହ ପ୍ରାର୍ଥନା କରିବା ଉଚିତ ଯେ — 'ମୋର ବାଣୀ କେବେ ବି ଅଯଥାର୍ଥ, ମୂଲ୍ୟହୀନ, ଉଦ୍ଦେଶ୍ୟହୀନ ଓ ନିରର୍ଥକ କଥନ ନ କରୁ । ଏ ଚାରୋଟି ଦୋଷରୁ ମୋ ବାଣୀ ରହିତ ହେଉ ।' ତା' ସହ ବାଣୀର ବ୍ୟବହାର ଉଚିତ ହେଉଛି କି ନାହିଁ ସେକଥା ପ୍ରତିଦିନ ଆତ୍ମବିଶ୍ଳେଷଣ କରିବା ପାଇଁ ମଧ୍ୟ ଉପଦେଶ ଦିଆଯାଇଛି ।

**୧. ଅଯଥାର୍ଥ କଥନ —** ଯେଉଁ ବସ୍ତୁ ଯେମିତି ଅଟେ, ଯେଉଁ ଘଟଣା ଯେମିତି ଘଟିଛି, ତାକୁ ଠିକ୍ ସେମିତି ଭାବେ କହିବା ହେଉଛି ଯଥାର୍ଥ କଥନ । ଆଉ ଯେଉଁ ବସ୍ତୁ ଯେମିତି ନୁହେଁ, ଯେଉଁ ଘଟଣା ଯେମିତି ନୁହେଁ, ତାକୁ ସେମିତି ଭାବେ କହିବା ହେଉଛି ଅଯଥାର୍ଥ କଥା । ସାଧାରଣତଃ ଆମେ କ'ଣ କରୁ ନା, ଆମେ ଶୁଣୁ ଆଉ କିଛି, ବୁଝୁ ଆଉ କିଛି, ବିନା ଉଚିତ ବିଚାରରେ କହୁ ଆଉ କିଛି । ଏହାର ଅନେକ କାରଣ ଅଛି । ସେଥିରୁ ଗୋଟିଏ ହେଲା ପୂର୍ଣ୍ଣ ମନୋଯୋଗ ସହକାରେ କୌଣସି କଥା ନ ଶୁଣିବା । ଦ୍ୱିତୀୟରେ, ଅଳ୍ପ ଟିକିଏ ଶୁଣୁ-ଶୁଣୁ ପୂରା ବୁଝିଗଲି ବୋଲି ଅତି ଆତ୍ମବିଶ୍ୱାସୀ ହୋଇ ଯାଇ ପୂରା ନ ଶୁଣିବା । ତିନିରେ ନିଜେ ନ ବୁଝି ତାହା ଅନ୍ୟକୁ ଜଣାଇ ବାହାଦୁରୀ ନେବା ପାଇଁ ଅଧୈର୍ଯ୍ୟ ହେବା ଇତ୍ୟାଦି । ଆମେ ଅନ୍ୟମାନଙ୍କୁ ଜଣାଇବାକୁ ଚାହୁଁ ଯେ ଏ ବିଷୟ ଆମେ ପ୍ରଥମେ ଜାଣିଲୁ

ଏବଂ ଆମେ ଏ ବିଷୟରେ ସବୁକିଛି ଜାଣିଛୁ।ଭଲ ଭାବେ ନ ଶୁଣି ଓ ତା' ଉପରେ ବିଚାର ନ କରି କହିବା ଲୋକଙ୍କ କାରଣରୁ କୁଆ ଅନେକ ସମୟରେ ଉଡ଼ିଗଲା... କୁଆ ଉଡ଼ିଗଲା... ହୋଇ-ହୋଇ କଥାଟି ଛୁଆ ଉଡ଼ିଗଲାରେ ପରିବର୍ତ୍ତିତ ହୋଇଯାଏ ଏବଂ ଅଯଥାର୍ଥ କଥାକୁ ସତ୍ୟ ବୋଲି ପ୍ରତିପାଦନ କରିବା ପାଇଁ ଅନେକ ଅସତ୍ୟର ଆଶ୍ରୟ ନିଆଯାଏ। ଏଇ ଅଯଥାର୍ଥ କଥନ ଯୋଗୁଁ ହିଁ ଅନ୍ଧବିଶ୍ୱାସର ସ୍ଥିତି ସମାଜରେ ରହିଛି।

ଆମର ଏଇ କାର୍ଯ୍ୟକ୍ରମର ଲୋକଙ୍କ ଉପରେ ତ ବହୁ ପ୍ରଭାବ ପଡୁଛି। ଏହା ଉପରେ ଲୋକଙ୍କ ବିଶ୍ୱାସ ବି ବୃଦ୍ଧି ପାଉଛି। ଧର୍ମ-ଅଧ୍ୟାତ୍ମ-ସାମାଜିକବିଶ୍ୱାସ ଆଦି ବିଷୟରେ କେହି କାହାକୁ କହୁଥିବା କଥା କାହା ମନରେ ସଂଶୟ ଉତ୍ପନ୍ନ କଲେ ଲୋକେ ଆମକୁ ପଚାରି ବୁଝୁଛନ୍ତି। ଏବେ ଅଳ୍ପଦିନ ତଳେ ଜଣେ ଭଦ୍ରମହିଳା ମୋତେ ଫୋନ୍ କରିଥିଲେ। ସେ ପଚାରିଲେ, 'ସ୍ୱାମୀଜୀ, ମୋ ମୁଣ୍ଡରେ କାଉଟିଏ ବସିପଡ଼ିଲା। ତେଣୁ ମୋର କ'ଣ ହାନି ହେବ ?' ମୁଁ ସହଜ ଭାବେ ପଚାରିଲି — 'ବର୍ତ୍ତମାନ ମୁଣ୍ଡରେ ବସିଛି କି ସେ କାଉ ?' ସେ କହିଲେ — 'ନାଇଁ ସ୍ୱାମୀଜୀ। ବସିଥିଲା, ସେ କେତେବେଳୁ ଉଡ଼ି ପଳେଇଲାଣି।' ମୁଁ କହିଲି — 'ଯଦି କାଉ ଏବେ ବି ମୁଣ୍ଡରେ ବସିଥାଆନ୍ତା, ତେବେ ସେ ହୁଏତ ଖୁମ୍ପି ଦେଇଥାଆନ୍ତା, ନଖରେ ଆଞ୍ଚୁଡ଼ି ଦିଅନ୍ତା କିମ୍ବା ମୁଣ୍ଡରେ କି ଲୁଗାପଟାରେ ମଳତ୍ୟାଗ କରିଦେଇପାରନ୍ତା ଯଦ୍ୱାରା କି ଲୁଗାପଟା ଆଦି ଖରାପ ହୋଇଥାଆନ୍ତା। ବର୍ତ୍ତମାନ ତ କାଉ ଉଡ଼ିଗଲାଣି। ବସିଥିବା ବେଳେ ଯଦି ଖୁମ୍ପିଥିବ, ଆଞ୍ଚୁଡ଼ିଥିବ ତେବେ ତଦ୍ୱାରା ରୋଗ ସଂକ୍ରମଣ ନ ହେବା ବ୍ୟବସ୍ଥା କରନ୍ତୁ। ଆଉ ଯଦି ଝାଡ଼ା-ପରିସ୍ରା କରିଦେଇଛି ତେବେ ଦେହ-ମୁଣ୍ଡ କି ଲୁଗାପଟା ଧୋଇ ଦିଅନ୍ତୁ। ବସିଥିବା ବେଳେ କାଉ ଯାହା କରିଥିବ, କରିଥିବ। ବର୍ତ୍ତମାନ ତ କାଉ ଦ୍ୱାରା ଆଉ କିଛି ହାନି ହୋଇପାରିବନି।'

ସେ ମହିଳା କହିଲେ— "ମୁଁ ସେ କଥା କହୁନି। ସାହି-ପଡ଼ିଶା ସମସ୍ତେ କହୁଛନ୍ତି— 'କାଉଟା ମୁଣ୍ଡରେ ବସିଲା। ଭାରି ଅଶୁଭ। କାଉଟା କଳା। କଳା ମାନେ କାଳ। କାଳର ଡାକରା ଆସିଯିବ... କାଳ ପୂରିଯିବ... ଇତ୍ୟାଦି କେତେ ପ୍ରକାର। ମୋତେ ବହୁତ ବ୍ୟସ୍ତ ଲାଗୁଛି।" ମୁଁ ପଚାରିଲି— 'ଆପଣଙ୍କ ଗାଁକୁ ଆଜି ପ୍ରଥମ କରି କାଉ ଆସିଲା ନା ଆଗରୁ କେବେ ଆସିଥିଲା ?' ସେ ହସି କହିଲେ— 'କାଉ ତ ଗାଁ'ରେ ଭରି ହୋଇଛନ୍ତି, ପ୍ରଥମ କରି ଆସିବେ କ'ଣ ?' ମୁଁ ପଚାରିଲି— 'ଆପଣ ଆଗରୁ ଯେତେ କାଉ ଦେଖିଛନ୍ତି, ସେସବୁ ସବୁବେଳେ ଉଡୁଥାଆନ୍ତି ନା କେବେ କେଉଁଠି ବସନ୍ତି ମଧ୍ୟ ?' ସେ କହିଲେ— 'କୋଉ ପକ୍ଷୀ କ'ଣ ସବୁବେଳେ ଉଡ଼ିପାରିବ ? କମ୍ ସେ କମ୍ ଖାଇବା, ଶୋଇବା ସମୟରେ ତ ବସିବ। କାଉ ବି ବସେ ଗଛଡାଳରେ, ଘର ଛାତରେ, ପିଣ୍ଢାରେ, ଭୂଇଁରେ ଇତ୍ୟାଦି।' ମୁଁ ପଚାରିଲି— "କାଉ ଯେଉଁ-ଯେଉଁ ଗଛ ଡାଳରେ ବସିଛି, ତା' ପରେ-ପରେ ସେସବୁ ଗଛର କାଳ ପୂରିଯାଇଛି କି ? ଯେଉଁ-ଯେଉଁ ଘର ଛାତରେ ବସିଛି ସେ ଘର ଛାତ ଫାଟିଯାଇଛି କିମ୍ବା ଘର ଭୁଷୁଡ଼ି ପଡ଼ିଛି କି ? ସେ ଘରର ସମସ୍ତେ ମରିଯାଇଛନ୍ତି କି ? ସେ ଘରକୁ ଘୋର ବିପତ୍ତି ମାଡ଼ିଆସିଛି କି ? ଯେଉଁ ପିଣ୍ଢାରେ କି ଭୂଇଁରେ ବସିଛି ସେସବୁ ସ୍ଥାନ ବିପର୍ଯ୍ୟସ୍ତ ହୋଇଯାଇଛି କି ?" ସେ କହିଲେ— 'କାଉ ତ ସମସ୍ତଙ୍କ ଘର ଉପରେ ବସୁଛି, ଅଗଣାରେ ବସୁଛି।' ମୁଁ କହିଲି— 'ତା' ହେଲେ ତ ସମସ୍ତଙ୍କର ଅନିଷ୍ଟ ହୋଇଯିବା କଥା। ଯଦି କାଉ ବସିଥିବା ଗଛ ଉଜୁଡ଼ିଯାଇନି, ଘର ଭାଙ୍ଗିରୁଜି ଯାଇନି କି ସେ ଘରର ସମସ୍ତେ ମରିହଜି ଯାଇନାହାନ୍ତି କାଉ ବସିବା ଯୋଗୁଁ; ତେବେ ଆପଣଙ୍କ ମୁଣ୍ଡରେ କାଉ ବସିଲେ ଆପଣଙ୍କର କେମିତି ଅନିଷ୍ଟ ହେବ ? ତଥାପି ଯେଉଁମାନେ କହୁଛନ୍ତି କି ମାନୁଛନ୍ତି ଯେ ଏତଦ୍ୱାରା ଘୋର ଅମଙ୍ଗଳ, ଅନିଷ୍ଟ ହେବ ବୋଲି ସେମାନଙ୍କ କଥା କେତେ ଯଥାର୍ଥ ? ସେମାନଙ୍କର ବୁଦ୍ଧିବୃତ୍ତି ଅଛି ବୋଲି ସ୍ୱୀକାର କରାଯାଇପାରିବ କି ?'

ସେ କହିଲେ — 'କାଉଟା କଳା ତ, ତେଣୁ ଅଶୁଭ ହେବ ବୋଲି ସମସ୍ତେ କହୁଛନ୍ତି।' ମୁଁ କହିଲି— 'ଯଦି କଳା ପକ୍ଷୀ ମୁଣ୍ଡରେ ବସିଲେ ଅଶୁଭ, ତେବେ ତା'ର ବିପରୀତରେ ଧଳା ପକ୍ଷୀ ବସିଲେ ଶୁଭ ହେବା କଥା। ତେଣୁ ଯଦି ଆଖ-ପାଖରେ ବଗ ଥିବେ ୧-୨ଟା ଧରିଆଣି ମୁଣ୍ଡରେ ବସାନ୍ତୁ। ବଗ ମୁଣ୍ଡରେ ମଳତ୍ୟାଗ କଲେ, ହୁଏତ ଚନ୍ଦନ ଭଳି ବାସ ଚହଟିପାରେ, ଶୁଭ ହୋଇପାରେ।' ସେ

କହିଲେ— 'ମୁଁ ଏଣେ ବ୍ୟସ୍ତ ହେଲିଣି ଲୋକଙ୍କ କଥା ଶୁଣି। ଆପଣ ତେଣେ ପରିହାସ କରୁଛନ୍ତି।' ମୁଁ କହିଲି— 'ମୋର କଥନର ଅଭିପ୍ରାୟ ହିଁ ହେଲା ଯେ ଆପଣ ଚାପରୁ ମୁକ୍ତ (Relax) ହୋଇଯାଆନ୍ତୁ, ଅଯଥା ବ୍ୟସ୍ତ-ବିବ୍ରତ ହୁଅନ୍ତୁ ନାହିଁ। ଈଶ୍ୱର ଆପଣଙ୍କୁ ମଣିଷ କରିଛନ୍ତି, ବୁଦ୍ଧି ଦେଇଛନ୍ତି, ତା'ର ପ୍ରୟୋଗ କରିବା ପାଇଁ ନା ନାହିଁ? କଳା ପ୍ରାଣୀ ମୁଣ୍ଡରେ ବସିଲେ କାଳର ଡାକରା ଆସିବାର କିଛି ପ୍ରମାଣସିଦ୍ଧ ନିୟମ ଅଛି କି ? ମାଛି-ମଶା ଆଦି ତ କଳା ହୋଇ ମଧ୍ୟ ମୁଣ୍ଡରେ ବସୁଛନ୍ତି। କେତେ ଜଣଙ୍କର ଏଥିପାଇଁ କାଳ ପୂରିଛି ? ତେଣୁ କାଉ କଳା ହେବା ଯୋଗୁଁ ମୁଣ୍ଡରେ ବସିବାରୁ ଅଶୁଭ ଫଳ ହେବ କେମିତି ?' ତା' ପରେ ପୁଣି ପରିହାସରେ କହିଲି— 'ଯାହା କଳା ତାହା ମୁଣ୍ଡ ଉପରେ ରହିଲେ ଯଦି ଅଶୁଭ, କାଳ ପୂରିଯିବ; ତେବେ ତ ଆଗ ଚୁଟିଗୁଡ଼ିକୁ ଧଳା କରିବାକୁ ପଡ଼ିବ, ନଚେତ୍ ଲଣ୍ଡା ହେବାକୁ ପଡ଼ିବ। ଆମେ ତ ଦେଖୁଛେ ଯେ ସାଧାରଣତଃ ଚୁଟି ଧଳା ହେଲା ପରେ ମଣିଷର କାଳ ପୂରେ। ତେଣୁ କାଳର ନଜର ଏଡ଼ାଇଯିବା ପାଇଁ କାଲି ମଶାଣୀକୁ ଯିବାକୁ ଥିବା ଲୋକେ ବି ମୁଣ୍ଡରେ କଳା ବୋଳି ହେଉଛନ୍ତି।

ଅତଏବ କୌଣସି କଥା କହିବା ପୂର୍ବରୁ ପ୍ରଥମେ ଭଲ ଭାବେ ଶୁଣିବା। ତା' ପରେ ଭଲ ଭାବେ ବିଚାର କରି, ଠିକ୍-ଭୁଲ୍ ବିବେଚନା କରି, ସମ୍ଭବ-ଅସମ୍ଭବ ଚିନ୍ତା କରି କହିବା। ଥରେ ବି ଯଦି ଆମେ ଅଯଥାର୍ଥ କଥନ କେଉଁଠି କରିଥିବା, ତେବେ ଆମେ ପରବର୍ତ୍ତୀ ସମୟରେ ଯେତେ ଯଥାର୍ଥ କଥା କହିଲେ ବି ଲୋକେ ବିଶ୍ୱାସ କରିବେ ନାହିଁ। ଅବିଶ୍ୱାସ, ସଂଶୟ କରିବେ।

**ପ୍ର.କ.—** ଆମ କଥା ମିଛୁଆ ରାଧୁଆ କଥା ଭଳି, ରାଧୁଆକୁ ବାଘ ଖାଇଗଲା କଥା ଭଳି ହୋଇଯିବ।

**ସ୍ୱାମୀଜୀ —** ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ- ଆମେ ସର୍ବଦା ଯଥାର୍ଥ କଥନ କରିବା। କୌଣସି କଥା କହିଲା ବେଳେ ତଥ୍ୟପୂର୍ବକ ଓ ତର୍କପୂର୍ବକ କହିବା। ପ୍ରଥମେ ଭଲ ଭାବେ ବୁଝିବା, ତା' ପରେ ଉପସ୍ଥାପନା କରିବା। ନ ବୁଝିଥିବା ପର୍ଯ୍ୟନ୍ତ କୌଣସି ବିଷୟରେ ପାଟି ଫିଟାଇବା ନାହିଁ। ନଚେତ୍ ଏହା ଅଯଥା ସମସ୍ୟାକୁ ନିମନ୍ତ୍ରଣ କରିବ, ଆମ ବ୍ୟକ୍ତିତ୍ୱକୁ ମ୍ଳାନ କରିବ, ଆମକୁ ଉପହାସର ପାତ୍ର କରିବ ଇତ୍ୟାଦି।

**୨. ମୂଲ୍ୟହୀନ କଥା —** ଯେଉଁ କାର୍ଯ୍ୟ ଆମ ଶକ୍ତି-ସାମର୍ଥ୍ୟର ବାହାରେ, ଯା'ର ଅନେକ ଭାଗରୁ ଗୋଟିଏ ଭାଗ ମଧ୍ୟ ଆମ ଦ୍ୱାରା ସମ୍ଭବ ନୁହେଁ, ସେଇ କାର୍ଯ୍ୟ କରିଦେବା ବୋଲି ଅଯଥା ବାହାଦୁରି ମାରିବା, ବୃଥା ଆସ୍ଫାଳନ କରିବା; ଯେଉଁ ବିଷୟ ସମ୍ପର୍କରେ ଆମର କାଣିଚାଏ ବି ଜ୍ଞାନ ନାହିଁ ସେ ବିଷୟରେ ସବୁ ଜାଣିଥିବା ଭଳି ଏଣୁ-ତେଣୁ ଉହରା ଗପ ଗପିବା ହେଲା ମୂଲ୍ୟହୀନ କଥା। କୌଣସି କାର୍ଯ୍ୟ କିପରି ହୋଇପାରିବ ବୋଲି କଥାପଡ଼ିବା ବେଳେ ଆମେ ଦେଖୁ ଯେ ଦଳେ ଲୋକ ଥାଆନ୍ତି ଯେଉଁମାନେ କି ତୁରନ୍ତ ମନ୍ତବ୍ୟ ଦେଇଦିଅନ୍ତି— "ଏଇଟା ତ ମୋ ବାଁ ହାତର ଖେଳ। ଏଇଟା ଅମୁକ ଅଫିସରେ ହେବ ଓ ସେଇଠି ପରା ମୋର ଭାରି କାଟ୍‌ତି (ସେ କାମ ସହ ସେ ଲୋକ କହୁଥିବା ଅଫିସର ଆଦୌ ସଂପର୍କ ନଥାଉ କି ସେ ଅଫିସ କୋଉଠି ଏ ବ୍ୟକ୍ତିଙ୍କୁ ଜଣାନଥାଉ ପଛକେ)। ଅମୁକ ଅଧିକାରୀ ମୋ ସହ ନିତି ଚା' ପିଅନ୍ତି। ମୋ ମୁହଁରୁ ଖାଲି କଥା ବାହାରିଲେ କାମ ହେଲା ବୋଲି ଜାଣ। ସମୁକ ଅଫିସର ମୋ ବାପାଙ୍କ ପିଉସୀଙ୍କ ନଣନ୍ଦଙ୍କ ଦିଅରଙ୍କ ପୁଅର ଶାଳୀଙ୍କ ପୁଅର ପତ୍ନୀଙ୍କ ଭାଇ। ମୋର ଖୋଦ୍....। ମୁଁ ଖାଲି ସେଇଠି ପହଞ୍ଚଗଲେ ଏ କାମ ହୋଇଗଲା ବୋଲି ଜାଣ। ଅମୁକ ମନ୍ତ୍ରୀ ତ ମୋ ଧୂଳିଖେଳର ସାଥୀ ଯେ ମୁଁ କହିବା ପୂର୍ବରୁ ମୋ କାମ କରିଦିଅନ୍ତି।" ଆଉ କୌଣସି ସାମୂହିକ-ସାମାଜିକ କାର୍ଯ୍ୟ ପାଇଁ ଅର୍ଥାଦିର କଥା ଉଠିଲେ ଅତୀତରେ ଗୋଟିଏ ଟଙ୍କାର ଯୋଗଦାନର ରେକର୍ଡ଼ ଏମାନଙ୍କର ନଥିବା ସତ୍ତ୍ୱେ କୋଟିଏ ଟଙ୍କା କାଲି ସକାଳେ ଯୋଗାଡ଼ କରି ଦେବାର ନିର୍ଭର ପ୍ରତିଶ୍ରୁତି ଦିଅନ୍ତି। ପ୍ରତିଶ୍ରୁତି ଦେବାରେ ଏମାନଙ୍କର କାର୍ପଣ୍ୟ ନଥାଏ। କାରଣ ସେମାନେ କେବଳ ପ୍ରତିଶ୍ରୁତିସର୍ବସ୍ୱ ବ୍ୟକ୍ତି ଅଟନ୍ତି, ପ୍ରତିଶ୍ରୁତିବଦ୍ଧ ଲୋକ ନୁହନ୍ତି। ଏମାନଙ୍କର ସମ୍ଭବତଃ ବଦ୍ଧମୂଳ ଧାରଣା ଯେ, ପ୍ରତିଶ୍ରୁତି ତାହା, ଯାହା କେବଳ କଥାରେ କୁହାଯାଏ, କାମରେ କରିବାର ଆବଶ୍ୟକତା ନଥାଏ। ଯଦି କେହି ଏମାନଙ୍କୁ ଏମାନଙ୍କ ପ୍ରତିଶ୍ରୁତି ମନେ ପକାଇଦିଏ, ଏମାନେ ନିର୍ଲଜଙ୍କ ଭଳି ସେ

ପ୍ରତିଶ୍ରୁତିର ପୁନଃ ନବୀକରଣ କରିଦିଅନ୍ତି। ଏଭଳି ବାହାପିଆ ଲୋକଙ୍କର ସମାଜରେ ସମ୍ମାନ ରହେ ନାହିଁ। କୌଣସି ବୁଦ୍ଧିମାନ୍ ଲୋକ ଏମାନଙ୍କୁ ବିଶ୍ୱାସ କରନ୍ତି ନାହିଁ, ଏମାନଙ୍କ ଉପରେ ଭରସା କରନ୍ତି ନାହିଁ। ଥରେ-ଅଧେ ଲୋକେ ଏମାନଙ୍କ କଥାରେ ଭଳି ଯାଇପାରନ୍ତି, କିନ୍ତୁ ଏମାନଙ୍କର ଦୀର୍ଘକାଳିକ ସମ୍ମାନ ରହେ ନାହିଁ। ଆଗ-ପଛ ନ ବିଚାରି ଐସା କରିଦେବି- ତୈସା କରିଦେବି ବୋଲି କହିବା ବାଣୀର ଏକ ବଡ଼ ଦୋଷ। ଅବଶ୍ୟ ଧୂର୍ତ୍ତ ଓ ଠକ ଶ୍ରେଣୀର ଲୋକେ ଏହାକୁ ବିଶେଷ ବ୍ୟବହାର କରିଥାନ୍ତି ଲୋକଙ୍କୁ ଭୁଆଁ ବୁଲାଇବା, ଜାଲରେ ପକାଇବା ପାଇଁ। ସେମାନଙ୍କର ନା ନିଜର କୌଣସି ବ୍ୟକ୍ତିତ୍ୱ ଥାଏ ନା ସେମାନେ ବାଣୀର, ପ୍ରତିଶ୍ରୁତିର ମୂଲ୍ୟ ବୁଝନ୍ତି।

ଆଉ କିଛି ଲୋକ ଥାଆନ୍ତି ଯେଉଁମାନେ କି ନିଜ ତରଫରୁ ଅନ୍ୟ ଆଗରେ ବଡ଼-ବଡ଼ ଯୋଜନା ଉପସ୍ଥାପନ କରନ୍ତି, ତା'ର ଲାଭ-ଉପକାରିତା ବିଷୟରେ ସମ୍ଭବତଃ ରେଳରେ ନ ଧରିବା ଭଳି ବଡ଼-ବଡ଼ ବ୍ୟାଖ୍ୟାନ ଦିଅନ୍ତି, ସେ ଯୋଜନା ପାଇଁ ଅନ୍ୟକୁ ପ୍ରେରିତ କରନ୍ତି, ସ୍ୱତଃ ଆଗଭର ହୋଇ ଅନ୍ୟକୁ ସବୁ ସହଯୋଗର ନିର୍ଭର ପ୍ରତିଶ୍ରୁତି ଦିଅନ୍ତି। ଅନ୍ୟକୁ ଭାଲୁଲାଙ୍ଗୁଡ଼ ଧରାଇ ଦିଅନ୍ତି। କାମ ସମୟରେ ଖୋଜିବା ବେଳକୁ 'ଏଇ କାମ ସରିଗଲେ ପୂର୍ଣ୍ଣ ସହଯୋଗ କରିବି, ସେ କାମଟା ତୁଟିଗଲେ ସବୁ ସମ୍ଭାଳି ଦେବି' ଇତ୍ୟାଦି କହିଚାଲିଥାନ୍ତି। କିଛି ଲୋକ କଥା-କଥାକେ କେତେ ଶାସ୍ତ୍ରର ଉଦାହରଣ, ବଡ଼-ବଡ଼ ଲୋକଙ୍କ କଥା କହନ୍ତି। ଅନେକ ସାମୂହିକ କାମ ପାଇଁ ଲୋକଙ୍କୁ ବୁଝାଇ ଏକତ୍ରିତ କରନ୍ତି; କିନ୍ତୁ କାମ ଆରମ୍ଭ ବେଳକୁ, କାମକୁ ଯିବା ବେଳକୁ ସର୍ବଦା ଏମାନଙ୍କର ପେଟମୋଡ଼ା, ପତଳାଝାଡ଼ା, ମୁଣ୍ଡବ୍ୟଥା, କମ୍ପବାତ, ଘରୋଇ ଅସୁବିଧା ଆଦି କେତେ କ'ଣ ହେଉଥାଏ। ଏମାନଙ୍କର ସମସ୍ତ ସହଯୋଗ ବୈଠକ ଘର ବା ଦାଣ୍ଡ ପିଣ୍ଡା ପର୍ଯ୍ୟନ୍ତ ସୀମିତ ଥାଏ। ଏମାନେ ସବୁବେଳେ କହନ୍ତି — 'କରିଚାଲ। ମୁଁ ତୁମମାନଙ୍କ ପଛରେ ଅଛି।' ବାସ୍ତବରେ ଏମାନେ ସର୍ବଦା ପଛରେ ହିଁ ଥାଆନ୍ତି। କେବେ ସାଥିରେ ଆସନ୍ତି ନାହିଁ। ହଁ, କୌଣସି ସଂଗଠନର ପଦ-ପଦବୀ କଥା ଉଠିଲେ ଏମାନେ ଅବଶ୍ୟ ଆଗକୁ ଆସିଯାଆନ୍ତି। ଏମାନଙ୍କ ଅଲଣା କଥା ଶୁଣିବାକୁ କାହା ପାଖରେ ବା ସମୟ ଅଛି ? ସେଥିଯୋଗୁଁ ଲୋକେ ଏମାନଙ୍କଠୁଁ ଦୂରେଇ ଗଲେ ଏମାନେ ନିଜ ଦୋଷ ତ ଖୋଜନ୍ତି ନାହିଁ, ଓଲଟି ଅନ୍ୟକୁ ଦୋଷ ଦିଅନ୍ତି।

ଏଣୁ ଆମେ ସର୍ବଦା ସେତିକି କଥା କହିବା, ଯେତିକି ଆମେ ଭଲ ଭାବେ ଜାଣିଛେ, ଯେତିକି ଆମେ ନିଶ୍ଚିତ ରୂପେ କରିପାରିବା। ଯଦି ଆମେ ଶହେ ପ୍ରତିଶତ କରିପାରିବା ବୋଲି ଆମ ଜ୍ଞାନରେ ଆମେ ବିଚାର କରୁଛେ, ତଥାପି ଆମେ ନବେ ପ୍ରତିଶତର ପ୍ରତିଶ୍ରୁତି ହିଁ ଦେଇଥିବା ଉଚିତ। କାରଣ ଆମ ଜ୍ଞାନ ବହିର୍ଭୂତ ଅନେକ ପ୍ରକାର ପ୍ରତିକୂଳତା ବି ଅଛି।

**୩. ଉଦ୍ଦେଶ୍ୟହୀନ କଥା—** କୌଣସି ପ୍ରଶ୍ନ ପଚରାଗଲେ ତା'ର ଉତ୍ତର ନ ରଖି ଇଆଡୁ-ସିଆଡୁ ଅସମ୍ବନ୍ଧ କଥାଗୁଡ଼ିଏ କହିବା, ବିଷୟକୁ ଛାଡ଼ି ଅନାବଶ୍ୟକ ଅବାନ୍ତର ଭୂମିକା ରଖିବା, କୌଣସି ବିଷୟ ବୁଝାଇବାକୁ ଯାଇ ସେ ବିଷୟ ସହ ସଂପର୍କ ରଖୁନଥିବା ଅନାବନା ଘଟଣା, ଉଦାହରଣର ଅବତାରଣା କରିବା — ଏସବୁ ହେଉଛି ଉଦ୍ଦେଶ୍ୟହୀନ କଥନ। ଥରେ ଜଣେ ସମୀକ୍ଷକଙ୍କୁ ପଚରାଗଲା ଯେ — 'ଆଚ୍ଛା! ବକ୍ତା କାହାକୁ କହନ୍ତି ଆପଣଙ୍କ ବିଚାରରେ ?' ସେ କହିଲେ— 'ଆଜିକାଲି ବହୁ ସଭାସମିତିରେ ଶୁଣି-ଶୁଣି ଅଧିକାଂଶ ବକ୍ତାଙ୍କ ସଂପର୍କରେ ଏକ ନିଷ୍କର୍ଷରେ ଉପନୀତ ହେବାକୁ ପଡୁଛି ଯେ ବକ୍ତା ସିଏ ଅଟନ୍ତି, ଯିଏ କି ଅନର୍ଗଳ କହନ୍ତି; କିନ୍ତୁ ବିଷୟ ବହିର୍ଭୂତ।' ସେ ପରିହାସରେ କହିଲେ— 'ଓ୍ୱହୀ ହୈ ବକ୍ତା, ଜୋ ବକ୍ତା... ବକ୍ତା...ବକ୍ତା...ହୀ ଜାତା, କଭୀ ନହୀଁ ଥକ୍ତା, ନା ସମୟ କୋ ଦେଖ୍ତା, ନା ଶ୍ରୋତାଓଁ କେ ହାଲତ୍, ଔର୍ ବିଷୟ କୋ ଛୋଡ୍ ଦେତା'।

ଆମେ ସାଙ୍ଗ-ସାଥୀ ମେଳରେ ଆଲୋଚନା କାଳରେ ବି ଦେଖୁ ଯେ ଅନେକ ବ୍ୟକ୍ତି ଗୋଟିଏ ବିଷୟ ଆଲୋଚନା ଚାଲିଥିବା ବେଳେ ସେ ବିଷୟରେ କୌଣସି ଜ୍ଞାନ ନଥିଲେ ଅସଙ୍ଗତ କଥା କିଛି କହିଦିଅନ୍ତି। ସେ କଥା ପରୀକ୍ଷାରେ 'ସ୍କୁଲ ବଗିଚା' ରଚନା ପଡ଼ିଥିଲେ 'ଗାଈର ଆତ୍ମକାହାଣୀ' ଲେଖିବା ଭଳି ହୋଇଥାଏ। ଅନେକ ଲୋକ ବହୁ ସମୟ ଧରି କୌଣସି କଥା କହିବା ପରେ ମଧ୍ୟ ବୁଝିହୁଏନି ଯେ

ଏମାନେ ବାସ୍ତବରେ କ'ଣ କହିବାକୁ ଚାହୁଁଛନ୍ତି ? ପ୍ରଥମ ବାକ୍ୟ ସହ ଦ୍ୱିତୀୟର ସମ୍ପର୍କ ନଥାଏ। ଅନେକ କ୍ଷେତ୍ରରେ ପରସ୍ପର ବିରୋଧୀ ବି ହୋଇଥାଏ। ଶୁଣିବା ଲୋକର ଅଯଥା ସମୟ ନଷ୍ଟ ହୁଏ। ଏସବୁ ବି ବାଣୀର ଦୋଷ। ଏ ପ୍ରକାର କଥା ବ୍ୟକ୍ତିତ୍ୱକୁ ହ୍ରାସ କରେ। ଏଣୁ ସର୍ବଦା ଅନାବଶ୍ୟକ ଆଡ଼ମ୍ବର ରହିତ, ସିଧା ବିଷୟ ଆଡ଼କୁ ବକ୍ତବ୍ୟ (to the point) ରହିବା ଉଚିତ।

**୪. ନିରର୍ଥକ କଥନ —** ଅର୍ଥ ମାନେ ଉଦ୍ଦେଶ୍ୟ, ଆବଶ୍ୟକତା, ପ୍ରୟୋଜନ, ହେତୁ ଆଦି। ନିରର୍ଥକ ମାନେ ନିଷ୍ପ୍ରୟୋଜନ, ଅନାବଶ୍ୟକ। ଅନେକ ସମୟରେ ଆମେ ନିଷ୍ପ୍ରୟୋଜନ କଥାରେ ବି କଳହ କରୁ। ଖଟିଗୁଡ଼ିକରେ ଅନେକ ବିଷୟରେ ଭିନ୍ନ-ଭିନ୍ନ ପକ୍ଷଭୁକ୍ତ ହୋଇ ଲୋକେ ବ୍ୟର୍ଥ ପାଟିତୁଣ୍ଡ ଓ କଳିକଜିଆ ବି କରିଥାନ୍ତି। ସେସବୁ ବିଷୟରେ ସେମାନଙ୍କ ମତକୁ କୌଣସି ସମ୍ବନ୍ଧିତ ପକ୍ଷ ଶୁଣିନଥାନ୍ତି କି ସେମାନଙ୍କୁ ପ୍ରଶଂସା କି ନିନ୍ଦା କରିନଥାନ୍ତି। ଏମାନେ ଅଯଥା ହୋ-ହଲ୍ଲା କରନ୍ତି।

ମନେକରନ୍ତୁ ଗୋଟିଏ ଘରେ ୪ ଜଣ ଅଛନ୍ତି - ବାପା, ପୁଅ, ଶାଶୂ, ବୋହୂ। ତାଙ୍କ ପଡ଼ିଶା ଘରେ ବି ସେମିତି ୪ ଜଣ - ବାପା, ପୁଅ, ଶାଶୂ ଓ ବୋହୂ। ଥରେ କ'ଣ ହୋଇଛି ନା, ସକାଳୁ-ସକାଳୁ ପଡ଼ିଶା ଘରେ ପାଟି-ତୁଣ୍ଡ, କଥା କଟାକଟି ଶୁଭୁଛି। ବାପାର, ପୁଅର, ଶାଶୂର, ବୋହୂର ୪ ଜଣ ଯାକର ଉଚ୍ଚ ପାଟି ଶୁଭୁଛି। ପଡ଼ିଶା ଘରର ପାଟିତୁଣ୍ଡ, କଥା କଟାକଟି ଉପରେ ବର୍ତ୍ତମାନ ଏ ଘର ଲୋକଙ୍କ ମନ୍ତବ୍ୟ ଆରମ୍ଭ ହୋଇଗଲା। ଏ ଘରର ଶାଶୂ ମନ୍ତବ୍ୟଟିଏ ଦେଲେ— 'କି ବୋହୂଯାକ ଆଜିକାଲି ସଂସାରରେ କେଜାଣି, ଘରେ ପାଦ ଦେଉ-ଦେଉ ଘରେ ମହାଭାରତ ଆରମ୍ଭ। ବୋହୂ ଆସିଲା, ଶାନ୍ତି ଗଲା।' ତା' ପରେ ବୋହୂ ବି ଆଉ ଚୁପ୍ ରହୁଛି କୁଆଡ଼େ ? ନିଜକୁ ସୁହାଇଲା ଭଳି ମନ୍ତବ୍ୟଟିଏ ସେ ଦେଲା— 'କୌଣସି ବୋହୂ ଆଦୌ ଖରାପ ନୁହନ୍ତି। ଶାଶୂଗୁଡ଼ିକ ହିଁ ଝଗଡ଼ାର ଅସଲ ମଞ୍ଜି। ବୋହୂଗୁଡ଼ାକୁ ସଖୀକଣ୍ଢେଇ ଭଳି ଉଠ-ବସ୍ କରାଇବାକୁ ଚାହୁଁଛନ୍ତି। ବୋହୂମାନେ ଟିକିଏ ସୁଖରେ ରହିବା ଦେଖିଲେ ଏମାନଙ୍କ ନାହି ଡେଉଁଛି।' ବାପା ବି ସାମିଲ୍ ହୋଇଗଲେ ମନ୍ତବ୍ୟ ପ୍ରଦାନରେ — 'ଆଜିକାଲିର ପିଲାଙ୍କର ଗୁରୁ-ଲଘୁ ଜ୍ଞାନ ନାହିଁ। ଗୁରୁଜନଙ୍କୁ ଆଦର-ଭକ୍ତି ତ ଛାଡ଼, କେମିତି କଥା କହିବା ଉଚିତ ସେ କାଣ୍ଡଜ୍ଞାନ ବି ନାହିଁ। ମୁଣ୍ଡକୁ ହାତ ପାଇଗଲେ ବାପା-ମା ସବୁ ଅଦରକାରୀ। ବାପା-ମା ଅମୃତ ଉପଦେଶ ଦେଲେ ବି ତା' ବିଷ, ଆଉ ଯିଏ ଯାହା ଓଲଟା କହିଲେ ବି ସବୁ ଅମୃତ। ଅନାବଶ୍ୟକ ଖର୍ଚ୍ଚ, ଅଯଥା ଆଡ଼ା-ଚଉଡ଼ା, ଦେଖାଇ ହେବା ସ୍ୱଭାବ। ସତ କହିଲେ ଦୋଷ। ଏଇଥି ପାଇଁ ତ ଘରେ-ଘରେ ଅଶାନ୍ତି।' ପୁଅ ଆଉ କ'ଣ ଚୁପ୍ ରହୁଛି ? ସିଏ ବି ତାକୁ ସୁହାଇଲା ଭଳି ଶୁଣେଇ ଦେଲା— 'ବାପା-ମା ବୁଢ଼ା-ବୁଢ଼ୀ ହେଲେ ଗଣ୍ଡେ ଖାଇ ତୁନି ହୋଇ ହରିନାମ ନେବା କଥା। ଘର କଥାରେ ମୁଣ୍ଡ ଖେଳାଉଛନ୍ତି କାହିଁକି ? ତୁମ କାମ ହେଲା କେହି ପଚାରିଲେ ଉତ୍ତର ଦେବ ନ ହେଲେ ଚୁପ୍ ହୋଇ ଦେଖୁଥିବ। ଘର ଭାସିବ କି ବୁଡ଼ିବ ଯିଏ ଚଳଉଛି ସିଏ ବୁଝିବନି ? ଏମାନଙ୍କର ତ ପ୍ରତି କଥାରେ ଅଯଥା ଉପଦେଶ ଉଚ୍ଛୁଳି ପଡୁଛି। ତେଣୁ ହିଁ ଘରେ-ଘରେ କଳି।' ବର୍ତ୍ତମାନ ୟା' କଥା ସେ କାଟିଲା, ତା' କଥା ଇଏ କାଟିଲା। ପଡ଼ିଶା ଘରର ପାଟିତୁଣ୍ଡର ଯଥାର୍ଥ କାରଣ ଏମାନେ ଜାଣିନାହାନ୍ତି। ପଡ଼ିଶା ଘର ଲୋକେ ସେମାନଙ୍କ ସମସ୍ୟାର ପରାମର୍ଶ ଏମାନଙ୍କୁ ମାଗିବାକୁ ଆସିନାହାନ୍ତି। କିନ୍ତୁ ସେ ବିଷୟରେ ନିଜ-ନିଜ ମନ୍ତବ୍ୟକୁ ନେଇ ଏମାନଙ୍କ ଘରେ ମହାଭାରତ ଆରମ୍ଭ ହୋଇଗଲା। ସନ୍ଧ୍ୟାବେଳକୁ ପଡ଼ିଶା ଘରର ସମସ୍ତେ ମିଶି କୁଆଡ଼େ ବୁଲି ବାହାରିଲେ। ଅଥଚ ସେମାନଙ୍କ ପାଟିତୁଣ୍ଡ ବିଷୟରେ ଅଯଥା ମୁଣ୍ଡ ପୂରାଇ ୟା'ଙ୍କ ଘରେ ଚୁଲି ଜଳିଲାନି। ଏପରି କଥା ଘରେ, ବାହାରେ, କର୍ମକ୍ଷେତ୍ରରେ ସର୍ବତ୍ର ଦେଖାଯାଏ ଏବଂ ଅଧିକାଂଶ କ୍ଷେତ୍ରରେ ଏହାର ତିକ୍ତ ପରିଣାମ ହିଁ ମିଳିଥାଏ।

ନିରର୍ଥକ ବା ଅନାବଶ୍ୟକ କଥନର ଆଉ ଗୋଟିଏ ପ୍ରକାର ହେଲା ଯେ, କେହି ନ ପଚାରିଲେ, କେହି କଥା ନ ମାନୁଥିଲେ କି ମାନିବାର ସମ୍ଭାବନା ନଥିଲେ ବି ଉପରେ ପଡ଼ି କହିବା। କେଉଁଠି ଆଲୋଚନା ଚାଲିଥିଲେ ଆମେ ତା' ସହ ସଂପୃକ୍ତ ନଥିଲେ ବି ଅନେକ ସମୟରେ ଉପରେ ପଡ଼ି ଆମେ କିଛି ମନ୍ତବ୍ୟ ଦେଉ। ଯଦି କେହି ସେଇଠି କହିଦିଏ— 'ଉପରେ ପଡ଼ି, କଖାରୁ ବଡ଼ି। ଆମେ ଆପଣଙ୍କ ପରାମର୍ଶ ଲୋଡିନଥିଲୁ।' ସେତେବେଳେ ଆମକୁ ଭାରି

ବାଧେ । ସେ କଥା ଶୁଣି ଚୁପ୍ ରହିଲେ ବି ଚଳନ୍ତା । କିନ୍ତୁ ତାକୁ ନେଇ ଅଯଥା ଝଗଡ଼ା ବି ଆମେ କରିବସୁ । ତେଣୁ ଯେତେବେଳେ ଆମଠୁ କେହି ପରାମର୍ଶ ଚାହିଁବେ, କୌଣସି ସ୍ଥାନରେ ଆମର କହିବାର ଅଧିକାର ଅଛି ବୋଲି ଆମେ ହୃଦୟଙ୍ଗମ କରିବା, ଅଥବା କହିଲେ କେହି ମାନିବାର ସମ୍ଭାବନା ଦେଖିବା ସେଇଠି ଯେତିକି ଆବଶ୍ୟକ ସେତିକି କହିବା । ତା' ଅର୍ଥ ଏଇଆ ନୁହେଁ ଯେ ଆମେ ଅନ୍ୟାୟର ଉଚିତ ରୀତିରେ ପ୍ରତିବାଦ କରିବାନି ।

**ପ୍ର.କ.—** ବେଳେବେଳେ ଦେଖାଯାଏ ଯେ ବ୍ୟକ୍ତିମାନେ କଥା ହେବା ବେଳେ କଥାଟି ଯୁକ୍ତି-ତର୍କ, ବାଦ-ବିବାଦ ଆଡ଼କୁ ଆଗେଇ ଯାଏ । ସେ ସମୟରେ ନିଜ ଉପରେ ନିୟନ୍ତ୍ରଣ ରଖି କେମିତି କଥା କହିବା ଦରକାର ?

**ସ୍ୱାମୀଜୀ —** ପ୍ରତ୍ୟେକ ବ୍ୟକ୍ତି ଭଲ ଭାବରେ ବୁଝିରଖିବା ଉଚିତ ଯେ କୌଣସି ବିଷୟରେ କୌଣସି ବି ଆଲୋଚନା ପ୍ରଥମ ଆଲୋଚନା ନୁହେଁ କି ଶେଷ ଆଲୋଚନା ନୁହେଁ ।

**ପ୍ର.କ.—** ଏ ବିଷୟରେ ଆଲୋଚନା ଆଗରୁ ବି ହୋଇଛି, ଆଗକୁ ମଧ୍ୟ ହେବ ।

**ସ୍ୱାମୀଜୀ —** ହଁ । ଆଉ ଗୋଟିଏ କଥା ଯେ ଆମ ଜୀବନର ବି ଇଏ ପ୍ରଥମ ଆଲୋଚନା ନୁହେଁ କି ଅନ୍ତିମ ଆଲୋଚନା ନୁହେଁ । ତେଣୁ ଆଜି ହିଁ ସବୁ ବିଷୟରେ ଯେନ-କେନ ପ୍ରକାରେଣ ଅନ୍ତିମ ନିଷ୍କର୍ଷରେ ପହଞ୍ଚିବା ଜରୁରୀ ନୁହେଁ । ମନେକରନ୍ତୁ କାହା ସହିତ କୌଣସି ବିଷୟରେ ଆମର ଆଲୋଚନା ଚାଲିଛି । ଆମକୁ ମନେରଖିବାକୁ ହେବ ଯେ ଆମେ ବି ସର୍ବଜ୍ଞ ନୋହୁଁ କି ଆମ ସାମ୍ନାରେ ଆଲୋଚନା କରୁଥିବା ବ୍ୟକ୍ତି ବି ସର୍ବଜ୍ଞ ନୁହେଁ । ପ୍ରତ୍ୟେକେ ନିଜ-ନିଜ ଜ୍ଞାନର ସୀମା ଭିତରେ ହିଁ ତର୍କ-ପ୍ରମାଣ ଦେବା ସମ୍ଭବ । ଆମ ଜ୍ଞାନ ଭିତରେ ତାଙ୍କ କଥା ଠିକ୍ ନ ଲାଗିଲେ ଆମେ ତାଙ୍କ କଥାକୁ ଖଣ୍ଡନ କରୁ ଏବଂ ତାଙ୍କ ଜ୍ଞାନ ଭିତରେ ସେ ଆମ କଥା ଭୁଲ୍ ବୋଲି ବୁଝିଲେ ଖଣ୍ଡନ କରନ୍ତି ।

ଯା' ବାହାରେ ଆଉ କିଛି କାରଣ ବି ଥାଏ । ଯେମିତିକି ଆମେ ଯେତେବେଳେ ବୁଝି ତ ଯାଉ ଯେ ସାମ୍ନା ଲୋକ ଠିକ୍ କହୁଛନ୍ତି । କିନ୍ତୁ ସେ ଠିକ୍ କହୁଛନ୍ତି ବୋଲି ମାନିବାକୁ ଆମ ଅହଂକାର ବାଧାଦେଉଛି, ଆମ ଆତ୍ମସମ୍ମାନକୁ ଆଘାତ ପହଞ୍ଚୁଛି । ତେଣୁ ସେତେବେଳେ ଆମେ ତାଙ୍କ କଥା ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇନଥାଉ, ବରଂ ଅଯଥା ଯୁକ୍ତି-ତର୍କ ଆଡ଼କୁ ମୁହାଁଉ । ଆମ ସହ ଆଲୋଚନା କରୁଥିବା ଲୋକ କ୍ଷେତ୍ରରେ ବି ତାହା ହୋଇପାରେ । ଯଦି ଆମେ ବୁଝିଲେଣି ଯେ ଆମ ଅହଂକାର ଯୋଗୁଁ ହେଉ କି ତାଙ୍କ ଅହଙ୍କାର ଯୋଗୁଁ ହେଉ ବର୍ତ୍ତମାନ କୌଣସି ପକ୍ଷ ସତ୍ୟ ସ୍ୱୀକାର କରି ନିଜ ପରାଜୟ ମାନିବାକୁ ପ୍ରସ୍ତୁତ ନୁହଁନ୍ତି, ସେତେବେଳେ ଆମେ ଅଯଥା ଯୁକ୍ତି-ତର୍କ କରି ସମ୍ପର୍କ ଖରାପ ଓ ସମୟ ନଷ୍ଟ କରିବା ଅପେକ୍ଷା ଏକ ମଧ୍ୟବର୍ତ୍ତୀ ରାସ୍ତା ବାଛିନେବା ଶ୍ରେୟସ୍କର । ଆମେ ଏତିକି କହିପାରିବା— 'ଠିକ୍ ଅଛି ! ଆଜିର ଆଲୋଚନା ଏଇଠି ଥାଉ, ପରେ ଏ ବିଷୟରେ ବିଚାର କରିବା । ଆଲୋଚନା ତ ଜୀବନସାରା ଚାଲିଛି, ଚାଲିବ । ଆପଣଙ୍କ କଥା ବି ଠିକ୍ ହୋଇପାରେ, ମୋ କହିବା କଥା ବି ଠିକ୍ ହୋଇପାରେ, ଆମ ଦୁଇଜଣଙ୍କ କଥା ଅପେକ୍ଷା ଆହୁରି ଭଲ ତର୍କ ବି ଥାଇପାରେ ।' ଯେଉଁ ଆଲୋଚନାଟି ତିକ୍ତତା ଆଡ଼କୁ ଯାଉଥିଲା, କଠୋର ଆକ୍ଷେପଯୁକ୍ତ ଶବ୍ଦ ଆଡ଼କୁ ଯାଉଥିଲା, ବର୍ତ୍ତମାନ ଆମେ ତାକୁ ହାଲୁକା କରିଦେଲେ । ଏଥିରେ ଆମେ ବି ହାରିନେ କି ସିଏ ବି ହାରିନାହାନ୍ତି, ଆମ ଅହଙ୍କାର ବାଧାପ୍ରାପ୍ତ ହୋଇନି କି ତାଙ୍କ ଆତ୍ମସମ୍ମାନ କ୍ଷୁର୍ଣ୍ଣ ହୋଇନି । ଉଭୟଙ୍କ ସମ୍ମାନ ବଞ୍ଚିଯାଇଛି । କିନ୍ତୁ ଆମେ ପ୍ରାୟ ଏ କାମ କରିନଥାଉ । ଆମେ ଜିଦ୍‌ରେ ଅଟଳ ହୋଇଯାଉ ଯେ, 'ମୁଁ ହାର ମାନିବିନି ଓ ତାଙ୍କୁ ହରାଇବି ।' ସିଏ ବି ସେଭଳି ଜିଦ୍‌ରେ ଅଟଳ ଥାଇପାରନ୍ତି । ଏ କଥା ପରିଚିତ-ଅପରିଚିତ, ବନ୍ଧୁ-ବାନ୍ଧବ, ସ୍ୱାମୀ-ସ୍ତ୍ରୀ, ମାତା-ପିତା ଓ ସନ୍ତାନ ଆଦି ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଏ । ଅନ୍ୟକୁ ହରାଇବା ପାଗଳାମୀରେ ଆମେ ବହୁ ସମ୍ପର୍କକୁ ହରାଇବସୁ । ଜଣେ ଯଦି ହାରିଲେ ବି ହାର୍ ମାନିବାକୁ ପ୍ରସ୍ତୁତ ନୁହେଁ, ତେବେ ଆମେ ତାକୁ ହରାଇଲେ ବୋଲି ବୁଝାଇ ପାରିବା ନାହିଁ, ବରଂ ତା' ସହ ସଂପର୍କକୁ ହିଁ ହରାଇବା । ତେଣୁ ଯେଉଁଠି ସେମିତି ବିଶେଷ କିଛି କଥା ନାହିଁ, ଯେଉଁ ହାର୍-ଜିତ୍‌ରେ ସେମିତି ବିଶେଷ କିଛି ଲାଭ-କ୍ଷତି ନାହିଁ, ସେଭଳି ଅଯଥା କଥାରେ ସମ୍ପର୍କ

ତିକ୍ତ କରିବା ଅପେକ୍ଷା ମଧ୍ୟମ ପନ୍ଥା ଆପଣେଇବା ଶ୍ରେୟସ୍କର। ମତାନ୍ତରକୁ ମନାନ୍ତରରେ ପରିଣତ ହେବାକୁ ଦେବାରୁ ସର୍ବଦା କ୍ଷାନ୍ତ ରହିବା ଉଚିତ।

**ପ୍ର.କ.—** ସ୍ୱାମୀଜୀ! ଦେଖାଯାଏ ଯେ ନକାରାତ୍ମକ ଚିନ୍ତାଧାରାବିଶିଷ୍ଟ ବହୁତ ବ୍ୟକ୍ତି ବି ଥାଆନ୍ତି। ସେମାନଙ୍କ ପ୍ରତ୍ୟେକ କଥାରେ ନକାରାତ୍ମକ ଭାବନା ହିଁ ଥାଏ। ସେମାନେ କାହାକୁ କୌଣସି କାମରେ ଉତ୍ସାହିତ କରନ୍ତି ନାହିଁ। କୌଣସି କାର୍ଯ୍ୟ କରିବାକୁ ଗଲାବେଳେ ଯେତେ ପ୍ରକାର ଅସୁବିଧାର ସମ୍ଭାବନା ସେକଥା ହିଁ କହିଥାନ୍ତି। ଏମିତି ବନ୍ଧୁ କି ଆତ୍ମୀୟ-ସ୍ୱଜନ ଯଦି ଆମ ଚତୁଃପାର୍ଶ୍ୱରେ ଥିବେ ତେବେ ସେମାନଙ୍କୁ କେମିତି କଥା କହି ସକାରାତ୍ମକ ଚିନ୍ତାଧାରାରେ ପରିବର୍ତ୍ତନ କରାଯାଇପାରିବ ତଥା ଆମେ କେମିତି ସେମାନଙ୍କ କଥାରେ ପ୍ରଭାବିତ ନ ହୋଇ ଆମ ରାସ୍ତାରେ ଆଗେଇଯିବା ?

**ସ୍ୱାମୀଜୀ —** ଏମାନଙ୍କ ଭିତରେ ୨ ପ୍ରକାର ଲୋକ ଥାଆନ୍ତି। ଗୋଟିଏ ପ୍ରକାର ଲୋକ ଆମ ମଙ୍ଗଳ ତ ଚାହାନ୍ତି; କିନ୍ତୁ ସର୍ବଦା ଶଙ୍କାଗ୍ରସ୍ତ ନକାରାତ୍ମକ ଚିନ୍ତାରେ। ଆଉ ଗୋଟିଏ ପ୍ରକାର ଲୋକ ଆମର ସଫଳତା ଚାହାନ୍ତିନି। ତେଣୁ ଯେତେ ପ୍ରକାର ନକାରାତ୍ମକ ସ୍ଥିତି ସମ୍ଭବ ସବୁ କହିଥାନ୍ତି ଆମକୁ ମାନସିକ ରୂପେ ଦୁର୍ବଳ କରିବା ପାଇଁ, ଆମେ ସଫଳତା ମାର୍ଗରେ ନ ଆଗାଉ ବୋଲି। ଆମ ପକ୍ଷେ ଉଚିତ ହେଲା ଯେ ଆମେ ଏ ଉଭୟଙ୍କୁ ଆମ ମାର୍ଗର ପ୍ରତିବନ୍ଧକ ବୋଲି ବିଚାରିବା ନାହିଁ। ସେମାନେ ଯେତେ-ଯେତେ ନକାରାତ୍ମକ କଥା କହିବେ ଆମେ ସେ ସବୁକୁ ଆମ ମାର୍ଗର ସତର୍କଘଣ୍ଟି ରୂପେ ସ୍ୱୀକାର କରିବା। ଆମେ ବିଚାରିବା ଯେ ଆମେ ଧ୍ୟାନ ଦେଇ ପାରିନଥିବା ଦିଗଗୁଡ଼ିକ ପ୍ରତି ସେମାନେ ଆମ ଧ୍ୟାନ ଆକର୍ଷଣ କରିଛନ୍ତି। ସେଭଳି ବାଧା-ବିଘ୍ନ ସ୍ଥିତି ଯଦି ଆମ ରାସ୍ତାରେ ସତରେ ଆସେ ତାକୁ ଅତିକ୍ରମ କରିବା ପାଇଁ ଆମେ ପୂର୍ବରୁ ସତର୍କତା ଅବଲମ୍ବନ କରିଥିବା। ନକାରାତ୍ମକ କଥା କହୁଥିବା ଲୋକଙ୍କୁ ଶତ୍ରୁ ଭାବିବାନି, ଦୂରେଇବାକୁ ଚେଷ୍ଟାକରିବାନି। କବୀର ବଡ଼ ସୁନ୍ଦର କଥାଟିଏ କହିଛନ୍ତି—

ନିନ୍ଦକ୍ ନିୟରେ ରାଖିଏ ଆଙ୍ଗନ୍ କୁଟୀ ଛବାୟ।
ବିନ୍ ପାନୀ, ସାବୁନ୍ ବିନା, ନିର୍ମଲ୍ କରେ ସୁଭାୟ ॥

ସେ କହିଲେ ଯେ ଯିଏ ଆପଣଙ୍କୁ ନିନ୍ଦା କରେ, ଆପଣଙ୍କ ଦୋଷ ଦେଖାଏ, ତାକୁ ସବୁବେଳେ ପାଖରେ ରଖିବା ଦରକାର। କାହିଁକି ନା, ଆପଣଙ୍କ ଦୋଷ ଦେଖାଇ-ଦେଖାଇ ବିନା ପାଣି, ବିନା ସାବୁନ୍‌ରେ ସେ ଆପଣଙ୍କୁ ସବୁବେଳେ ପରିଷ୍କାର ରଖୁଥିବ। ଆପଣଙ୍କ ଦୋଷ-ଦୁର୍ଗୁଣ-ଦୁର୍ବଳତାକୁ ଆପଣଙ୍କ ପାଖରେ ରହିବାକୁ ଦେବ ନାହିଁ।

ମନେକରନ୍ତୁ କୌଣସି ବ୍ୟବସାୟ ଆମେ କରିବାକୁ ଯାଉଛେ। ଜଣେ କହିଲା— 'ଏ ବ୍ୟବସାୟ କଲେ ଏଇଆ ଅସୁବିଧା ହେବ, ସେଇଆ ସମସ୍ୟା ହେବ, ତୁମେ ବୁଡ଼ିଯିବ' ଇତ୍ୟାଦି। ମନେକର ତା'ର ମନ୍ଦ ଉଦ୍ଦେଶ୍ୟ ଯେ ତୁମେ ଡରି ସେ କାମ କରନାହିଁ। ସେତେବେଳେ ଆମେ କ'ଣ କରିବା ? ସେ ଯେତେ ଅସୁବିଧାର ସମ୍ଭାବନା ଦର୍ଶାଇଥିବ ସେସବୁକୁ ଟିପିରଖିବା। ତା' ବାହାରେ ବି ଆଉ କିଛି ଅସୁବିଧା ଅଛି କି ? - ସେ କଥା ବି ଭଲ ଭାବେ ଚିନ୍ତା କରିବା। ତା' ପରେ ସେସବୁର ଅତିକ୍ରମର ଉପାୟ ଅନ୍ୱେଷଣ କରି ରଖିଥିବା। ପୂର୍ବରୁ ଯାହା ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରାଯାଇପାରିବ ସେସବୁ କରିନେବା। କାରଣ ଶାସ୍ତ୍ରରେ କୁହାଯାଇଛି — **'ଉପାୟଂ ଚିନ୍ତୟନ୍ ପ୍ରାଜ୍ଞ ଅପାୟମପି ଚିନ୍ତୟେତ୍'—** କୌଣସି କାର୍ଯ୍ୟରୁ କ'ଣ କ'ଣ ଲାଭ ହେବ ସେ ଚିନ୍ତା କରିବା ସହ କ'ଣ କ'ଣ ବାଧାବିଘ୍ନ ଆସିପାରେ ଏବଂ କ'ଣ କ'ଣ କ୍ଷତି ହୋଇପାରେ ବୁଦ୍ଧିମାନ୍ ବ୍ୟକ୍ତିମାନେ ସେ କଥା ବି ଚିନ୍ତା କରିବା ଉଚିତ। କିନ୍ତୁ ପ୍ରାୟତଃ ଆମେ କ'ଣ କରୁ ? ସାଧାରଣତଃ ଆମ ଚିନ୍ତନ ଏକପାଖିଆ ଥାଏ। ଆମେ କେବଳ ଲାଭ ଦିଗକୁ, ସଫଳତା ଭାଗକୁ ଚିନ୍ତା କରିଥାଉ। ହାନି ଦିଗକୁ, ଅସଫଳତା ଭାଗକୁ , ବାଧା-ବିଘ୍ନ-ସମସ୍ୟା ଉପରେ ସେତେ ଗୁରୁତ୍ୱର ସହ ଚିନ୍ତା କରିନଥାଉ। ସେ ସ୍ଥିତିରେ ଏ ନକାରାତ୍ମକ କଥା କହିଥିବା ଲୋକ ଆମ ପାଇଁ ଉପକାରୀ ହିଁ ସିଦ୍ଧ ହୁଏ।

ଯଦି ନକାରାତ୍ମକ କଥା କହୁଥିବା ଲୋକର ଉଦ୍ଦେଶ୍ୟ ଭଲ; କିନ୍ତୁ ସେ ଆଶଙ୍କାଗ୍ରସ୍ତ ରହୁଛି ଆମର ହାନିର ଆଶଙ୍କାରେ, ତେବେ ଆମେ ତର୍କପୂର୍ବକ ଓ ବାସ୍ତବିକତା ବୁଝାଇ ତା'ର ନିରାକରଣ କରିବା। ଆଉ ଯଦି କେହି ମନ୍ଦ ଉଦ୍ଦେଶ୍ୟରେ, ଆମକୁ ନିରୁତ୍ସାହିତ କରିବା ଉଦ୍ଦେଶ୍ୟରେ ନକାରାତ୍ମକ କଥା କହୁଛି, ଆମେ ସେଥିପ୍ରତି ଧ୍ୟାନ ନ

ଦେଇ, ତାକୁ ପ୍ରତିରୋଧ କଲାଭଳି ଉତ୍ତର ନ ଦେଇ ଆହୁରି ଦୃଢ଼ତା ଓ ସତର୍କତା ପୂର୍ବକ ଆମ କାମରେ ଆଗେଇଯିବା। ବରଂ ତାକୁ ପ୍ରସନ୍ନ କଲାଭଳି କହିବା — 'ଆପଣ ବାସ୍ତବିକ ହିତାକାଂକ୍ଷୀ। ତେଣୁ ଆମର ହାନି ନ ହେଉ ବୋଲି ଆମ ପାଇଁ ଏତେ ଦିଗକୁ ଚିନ୍ତା କରୁଛନ୍ତି। ଦେଖିବା, ବିଚାରିବା ଆପଣଙ୍କ କଥା ଉପରେ ଯେ କ'ଣ କରାଯାଇପାରେ ?' ଏମିତି ତାଙ୍କୁ କହି ଆମେ ପୂର୍ଣ୍ଣ ସତର୍କତା ସହ ଆମ କାମରେ ଲାଗିଯିବା। ଆମେ କ'ଣ କ'ଣ ସତର୍କତା ଅବଲମ୍ବନ କରିଛେ ସେ ବିଷୟରେ ତାଙ୍କୁ ସୂଚନା ଦେଲେ ସେ ଆଉ କିଛି ନୂଆ ସମସ୍ୟା ବି ଠିଆ କରିପାରନ୍ତି। ତେଣୁ ତାଙ୍କୁ ଆମ ଯୋଜନା, ଗତିବିଧିର ସୂଚନା ଦେବା ଅନାବଶ୍ୟକ। ତାଙ୍କ ସହ ଅଯଥା ତର୍କ କରି ଆମେ ନିଜକୁ ଠିକ୍ ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କଲେ ସିଏ ତ ମାନିବେନି। ତେଣୁ ଆମେ ସତର୍କ ରହି ଆମ କାମ କଲେ କାମ ସରିଲା। ଯେତେବେଳେ ଆମେ ସଫଳକାମ ହୋଇଯିବା ସେ ନକାରାତ୍ମକ କଥା କହି ଭୟ ଦେଖାଉଥିବା ଲୋକେ ବଳେ ବୁଝିଯିବେ। ସତର୍କତା ପୂର୍ବକ କାମ କରି କାର୍ଯ୍ୟରେ ସଫଳତା ପ୍ରାପ୍ତି ହିଁ ସେମାନଙ୍କୁ ଠିକ୍ ଉତ୍ତର।

**ପ୍ର.କ.—** ଆଉ ଜଣେ-ଜଣେ ବ୍ୟକ୍ତି କହିଲା ବେଳେ ବହୁତ ରାଗିଯାଆନ୍ତି। କଥା-କଥାକେ ରାଗ। ରାଗ ଚରମ ସୀମାରେ ବି ପହଞ୍ଚିଯାଏ। କ୍ରୋଧ ଜର୍ଜରିତ ହୋଇ କ'ଣ କହିବା ଉଚିତ-ଅନୁଚିତ ଭୁଲିଯାଆନ୍ତି। ବାଉଳି-ଚାଉଳି ହେଲା ଭଳି କେତେ କ'ଣ କହିଯାଆନ୍ତି। ସେମିତି ବ୍ୟକ୍ତିମାନଙ୍କ ପାଇଁ ଆପଣଙ୍କ କ'ଣ ଉପଦେଶ ରହିଛି ? ସେମାନେ କଥା କହିବା ବେଳେ କେମିତି ନିଜକୁ ନିୟନ୍ତ୍ରଣରେ ରଖିବେ ?

**ସ୍ୱାମୀଜୀ —** ଏ ସ୍ଥିତି କେତେକ କ୍ଷେତ୍ରରେ ଆସେ। ସେଥିରୁ ଗୋଟିଏ କ୍ଷେତ୍ର ହେଉଛି ପୂର୍ବାଗ୍ରହଗ୍ରସ୍ତ କ୍ଷେତ୍ର। ସେଇଟା କ'ଣ ? ଜଣେ ବ୍ୟକ୍ତି କାହା ବିଷୟରେ ଯଦି ଧାରଣା କରିନେଇଥାଏ ଯେ ମୁଁ ଯାହାକୁ କହୁଛି ସେ ଲୋକଟାକୁ ଧୀରେ-ଧୀରେ, ଶାନ୍ତ ଭାବରେ କହିଲେ ସିଏ ଜମା ବୁଝିବ ନାହିଁ। ତାକୁ କଠୋର ଭାବେ କହିଲେ ହିଁ ତା' ଉପରେ ପ୍ରଭାବ ପଡ଼େ। ତେବେ ସେ ବ୍ୟକ୍ତି ଦୁନିଆର ଆଉ ସମସ୍ତଙ୍କୁ ଧୀରେ କହୁଥିବ; ଅଥଚ ସେହି ନିର୍ଦ୍ଦିଷ୍ଟ ଲୋକଟିକୁ ସବୁବେଳେ ରାଗି, ବିରକ୍ତ ହୋଇ କହୁଥିବ, କେବେ ବି ଧୀରେ କହୁନଥିବ। କାରଣ ତା' ମସ୍ତିଷ୍କରେ ସେ ସେହି ଲୋକଟି ପ୍ରତି ସେଭଳି ସଂସ୍କାର, ଧାରଣା ଦୃଢ଼ କରିନେଇଛି, ତା' ମସ୍ତିଷ୍କକୁ ସେ ବ୍ୟକ୍ତି ପ୍ରତି ସେଭଳି ପ୍ରୋଗ୍ରାମିଙ୍ଗ୍ କରିନେଇଛି। ହାରମୋନିୟମରେ ସପ୍ତସ୍ୱରର ବିଭିନ୍ନ ସପ୍ତକ ନ ଥାଏ କି ? କେଉଁଠି ମନ୍ଦ୍ର ତ କେଉଁଠି ତାର ସ୍ୱର ବାହାରେ। ସେମିତି କିଛି ଲୋକଙ୍କର ଅନ୍ୟମାନଙ୍କ ପ୍ରତି ମଧୁର କଥା ଥିବା ବେଳକୁ ନିର୍ଦ୍ଦିଷ୍ଟ କେତେକ ବ୍ୟକ୍ତିଙ୍କ ପ୍ରତି କ୍ରୋଧିତ, କର୍କଶ ସ୍ୱର ଥାଏ। ସେମାନେ ସେ କେତେକଙ୍କୁ ସର୍ବଦା ରାଗି, ବିରକ୍ତ ହୋଇ, ବଡ଼ ପାଟିରେ କହନ୍ତି। ଯା'ର ସମାଧାନ ହେଲା ଯେ ଆମେ ବୁଝିରଖିବା ଉଚିତ କି କାହାରି ଯୋଗ୍ୟତା ସବୁଦିନ ପାଇଁ ନ୍ୟୁନ ହୋଇ ରହିବ କି କାହାରି ସ୍ୱଭାବ ଚିରଦିନ ପାଇଁ ଖରାପ ରହିବ ସେମିତି କୌଣସି ନିୟମ ନାହିଁ। ବ୍ୟକ୍ତି ଜୀବନରେ ପରିବର୍ତ୍ତନ ଲାଗିରହିଛି। ତେଣ ଆମେ ପ୍ରଥମରୁ ହିଁ ରାଗି, ବିରକ୍ତ ହୋଇ, ବଡ଼ପାଟିରେ କହିବା ନାହିଁ। ପ୍ରଥମେ ଧୀରେ, ଶାନ୍ତିରେ ବୁଝାଇବାକୁ ଚେଷ୍ଟା କରିବା। ସିଏ ନ ଶୁଣିଲେ, କ'ଣ ଉପାୟ କଲେ ଶୁଣିବ ତା'ର ଅନ୍ୟ ରସ୍ତା ଖୋଜିବା। ଆଉ ଗୋଟିଏ କଥା ମନେରଖିବା ଦରକାର ଯେ ଆମେ ଯାହାକୁ ରାଗିକି କହୁଛେ, ତା' ଉପରେ କ'ଣ ପ୍ରତିକ୍ରିୟା ହେବ କୁହାଯାଇପାରିବ ନାହିଁ; କିନ୍ତୁ ଆମ ସଂସ୍କାର ନିଶ୍ଚିତ ଖରାପ ହେବ। ଯେତେ ଅଧିକ ଥର ଏପରି ବ୍ୟବହାର ଆମେ କରିବା, ସଂସ୍କାର ସେତେ ଅଧିକ ଖରାପ ହେବ। ଧୀରେ-ଧୀରେ ତାହା ଆମ ସ୍ୱଭାବରେ ପଡ଼ିଯିବ। ଆମର ଧୈର୍ଯ୍ୟ ଶକ୍ତି କମିଚାଲିବ। କ୍ରୋଧବଶତଃ କାହାକୁ କିଛି ଅପଶବ୍ଦ କହିବା ପରେ ଆମକୁ ହିଁ ତା' ପାଖରେ ଲଜ୍ଜିତ ହେବାକୁ ପଡ଼ିବ। ଏସବୁ ହାନିକାରକ ଦିଗ ଉପରେ ଆମେ ଯେତେ ମନନ-ଚିନ୍ତନ କରିବା ଆମ ସ୍ୱଭାବରେ ସେତେ ଭଲ ପରିବର୍ତ୍ତନ ଆସିବ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

# ସତ୍ୟାର୍ଥପ୍ରକାଶ କ'ଣ ଓ କାହିଁକି ?

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ଆଜିକୁ ପ୍ରାୟ ୧୫୦ ବର୍ଷ ପୂର୍ବରୁ ବୈଦିକ ସଂସ୍କୃତି ଉପରେ ଚତୁର୍ଦ୍ଦିଗରୁ ଆକ୍ରମଣ ହେଉଥିଲା । ଲର୍ଡ ମ୍ୟାକଲେ ବୈଦିକ ଧର୍ମ ଓ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଆମ ଶିକ୍ଷା ପ୍ରଣାଳୀରେ ଆମୂଳଚୂଳ ପରିବର୍ତ୍ତନ କରିଦେଇଥିଲେ । ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ବେଦାନୁସନ୍ଧାନ ବିଭାଗ ଖୋଲି ପ୍ରଫେସର୍ ମ୍ୟାକ୍ସମୁଲରଙ୍କ ଦ୍ୱାରା ବେଦର ଇଂରାଜୀରେ ଏପରି ବ୍ୟାଖ୍ୟା କରାଗଲା ଯାହାକୁ ପଢ଼ି ବ୍ୟକ୍ତି ବେଦ ଓ ବୈଦିକ ସଂସ୍କୃତି ଠାରୁ ଦୂରେଇ ଯାଇ ଖ୍ରୀଷ୍ଟମତ ସ୍ୱୀକାର କରିନେବ । କାରଣ ସାୟଣ-ମହୀଧର-ଉବ୍ବଟ ଆଦି ବେଦ-ଭାଷ୍ୟକାର ବେଦମନ୍ତ୍ରର ପଶୁବଳି, ନରବଳି, ମାଂସଭକ୍ଷଣ, ମଦିରାପାନ, ଅନ୍ୟ ଅଶାଳୀନ ଅର୍ଥପରକ, ବୁଦ୍ଧିବିରୁଦ୍ଧ ଅର୍ଥ କରିଥିଲେ । ଯାହାର ଅନୁବାଦ ଇଂରାଜୀରେ କରି ପାଶ୍ଚାତ୍ୟ ବିଦ୍ୱାନ୍‌ଗଣ ବେଦକୁ ଉପହାସର ସାମଗ୍ରୀ କଲେ ତଥା ଇଂରାଜୀ ପଠିତ ବ୍ୟକ୍ତିମାନଙ୍କୁ ବେଦର ସନ୍ମାର୍ଗରୁ ଦୂରେଇ ଦେଲେ ।

ମୁସଲମାନମାନଙ୍କ ପକ୍ଷରୁ 'ତୋହଫତୁଲହିନ୍ଦ୍' ଭଳି ପୁସ୍ତକ ପ୍ରକାଶିତ ହେଉଥିଲା, ଯେଉଁଥିରେ କି ହିନ୍ଦୁ ଦେବାଦେବୀଙ୍କ ଉପରେ ଆକ୍ଷେପ କରାଯାଉଥିଲା । ତା'ର ଉତ୍ତର ତ ମୁନ୍‌ସି ଇନ୍ଦ୍ରମଣି ଭଳି ବ୍ୟକ୍ତି ଦେଉଥିଲେ । ଅନ୍ୟର ଆକ୍ରମଣରୁ ନିଜ ରକ୍ଷାର କିଛି ପ୍ରଯତ୍ନ ତ ହେଉଥିଲା; କିନ୍ତୁ ନିଜ ରକ୍ଷା ସାଙ୍ଗକୁ ହିନ୍ଦୁଙ୍କ ପକ୍ଷରୁ ଦୃଢ଼ତାପୂର୍ବକ କୌଣସି ପ୍ରତ୍ୟାକ୍ରମଣ ବିରୋଧୀଙ୍କ ଉପରେ ହେଉନଥିଲା ଯାହାଦ୍ୱାରା କି ହିନ୍ଦୁମାନଙ୍କୁ ବୈଦିକ ଧର୍ମ ଓ ଅନ୍ୟ ମତ-ମତାନ୍ତରର ଯଥାର୍ଥ ସ୍ୱରୂପ ହୃଦୟଙ୍ଗମ କରାଇ ଖ୍ରୀଷ୍ଟମତ ଓ ଇସ୍‌ଲାମ୍ ଆଡ଼କୁ ପ୍ରେରିତ ହେବାରୁ ରୋକାଯାଇପାରିବ ।

## ହିନ୍ଦୁସମାଜର ଦୟନୀୟ ସ୍ଥିତି

ହିନ୍ଦୁସମାଜର ସ୍ଥିତି ଥିଲା ଅତ୍ୟନ୍ତ ଦୟନୀୟ । ଏଥିରେ କୌଣସି ଏକରୂପତା ନ ଥିଲା । ଈଶ୍ୱରଙ୍କ ସ୍ୱରୂପ ଓ ତାଙ୍କ ପୂଜାବିଧି ଆଦିରେ ବି କୌଣସି ସମାନତା ନଥିଲା । ଅଶ୍ୱତ୍ଥ ଗଛରେ ନାଳିକନା ବାନ୍ଧିବାକୁ କେହି ପୂଜା ବୋଲି ମନେକରୁଥିଲା ତ କେହି ଗଙ୍ଗାରେ ବୁଡ଼ ମାରିବାକୁ, ଶିବଙ୍କୁ ଭାଙ୍ଗପଣା ଦେଇ କେହି ପୂଜା କରୁଥିଲା ତ ଭୈରବଙ୍କୁ ମଦ ଦେଇ କେହି ସନ୍ତୁଷ୍ଟ କରିବାର ପ୍ରୟାସ କରୁଥିଲା, ଆଉ କେହି ଠାକୁରାଣୀଙ୍କୁ ରକ୍ତରେ ତୃପ୍ତ କରିବାକୁ ଯତ୍ନ କରୁଥିଲା । ମଦ-ମାଂସ, ଭାଙ୍ଗ-ଗଞ୍ଜେଇ ଭୋଗ ଲଗାଉଥିବା ଲୋକେ ତଥା 'ଅହିଂସା ପରମୋ ଧର୍ମଃ' ଜପ କରୁଥିବା ଲୋକେ ସମସ୍ତେ ହିନ୍ଦୁ ଧର୍ମର ଅନୁଯାୟୀ ରୂପେ ପରିଚୟ ଦେଉଥିଲେ । ଶୈବ, ଶାକ୍ତ, ବୈଷ୍ଣବ ଆଦି କେତେ ଯେ ଭାଗରେ ବିଭକ୍ତ ସମସ୍ତେ ନିଜ-ନିଜ ଦେବତାଙ୍କ ମୁଖ୍ୟତାକୁ ନେଇ କଳି-ତକରାଳରେ ଲିପ୍ତ ଥିଲେ । ନା ଦେବୀ-ଦେବତାଙ୍କୁ ନେଇ ଏକରୂପତା, ନା ରୀତି-ନୀତିକୁ ନେଇ ସମାନତା, ନା ମଠ-ମନ୍ଦିର ଏକା ଭଳି, ନା ମୂର୍ତ୍ତି-ପ୍ରତିକୃତି ଏକା ପରି, ନା ଧର୍ମଗ୍ରନ୍ଥରେ ବି ଏକରୂପତା ଥିଲା । କେବଳ ଏତିକି ନୁହେଁ, ବିରାଡ଼ି ଚୁଲିମୁଣ୍ଡରେ ଶୋଇଲେ ରୋଷେଇ ଘର ମାରା ହେଉନଥିଲା; କିନ୍ତୁ ଅନେକ ବର୍ଗର ମଣିଷଙ୍କ ଛାଇ ପଡ଼ିଗଲେ ତାହା ମାରା ହେଲା ବୋଲି ମାନିନିଆଯାଉଥିଲା । ଈଶ୍ୱରଙ୍କ

ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ। କିନ୍ତୁ କେବଳ ଜନ୍ମଗତ କାରଣରୁ ଏକ ବଡ଼ ବର୍ଗକୁ ଅସ୍ପୃଶ୍ୟ କହି ପଶୁଠୁ ବି ତଳ ସ୍ତରରେ ବିବେଚନା କରାଯାଉଥିଲା।

ଈଶ୍ୱରଙ୍କ ନାମରେ କାଠ-ପଥର ହିଁ ନୁହେଁ, ଅପିତୁ ମୁସଲମାନଙ୍କ ଦେଖାଦେଖି କବରର ପୂଜା ମଧ୍ୟ ହିନ୍ଦୁଙ୍କ ଦ୍ୱାରା ହେବାକୁ ଲାଗିଥିଲା, ଜୀବିତ ମାତା-ପିତାଙ୍କ ଶ୍ରଦ୍ଧାପୂର୍ବକ ସେବା ପରିବର୍ତ୍ତେ ମୃତକ-ଶ୍ରାଦ୍ଧର ପ୍ରଚଳନ ଥିଲା। ମାତା-ପିତା ବଞ୍ଚିଥିବା ବେଳେ ବରଂ ଠେଙ୍ଗା ଦିଆଯାଉ; କିନ୍ତୁ ସେମାନେ ମଲାପରେ ହାଡ଼ ଗଙ୍ଗାରେ ପହଞ୍ଚାଇବା ଅନିବାର୍ଯ୍ୟ ଥିଲା। ସକଳ ପ୍ରାଚୀନ ଗ୍ରନ୍ଥରେ ବର୍ଣ୍ଣିତ ସମ୍ବୋଧନବାଚକ, ସଦ୍‌ଗୁଣଦ୍ୟୋତକ, ଗୌରବଶାଳୀ 'ଆର୍ଯ୍ୟ' ଶବ୍ଦକୁ ଭୁଲି ଭାରତବାସୀ ହିନ୍ଦୁ ଶବ୍ଦ ନିଜ ନିମନ୍ତେ ପ୍ରୟୋଗ କରିବାକୁ ଲାଗିଥିଲେ। ଗାର୍ଗୀ ଓ ମୈତ୍ରେୟୀଙ୍କ ଭଳି ବିଦୂଷୀ ମହିଳାଙ୍କ ଯଶୋଗାଥା ତୁଣ୍ଡେ-ତୁଣ୍ଡେ ଶୁଣାଯାଉଥିବା ସତ୍ତ୍ୱେ ନାରୀକୁ ଶିକ୍ଷାରୁ ବଞ୍ଚିତ ତଥା ଗୃହର ଚାରିକାନ୍ଥ ଭିତରେ ବନ୍ଦିନୀ କରି ତାକୁ ନରକର ଦ୍ୱାର ବୋଲି ବିବେଚନା କରାଯାଉଥିଲା। ସତୀପ୍ରଥା, ବାଲ୍ୟବିବାହ, ବୃଦ୍ଧବିବାହ ଆଦି ଅନେକ କୁରୀତି-ନୀତି ପ୍ରାରମ୍ଭ ହୋଇଯାଇଥିଲା। ଏପରି ଭୟଙ୍କର ସମୟରେ ମହର୍ଷି ଦୟାନନ୍ଦ ସରସ୍ୱତୀ ସ୍ୱ ତୀବ୍ର ମେଧା ବୁଦ୍ଧି, ତର୍କ ଓ ପ୍ରମାଣ ଦ୍ୱାରା ସଂସ୍କୃତିର ଯେଉଁ ସୁରକ୍ଷା କବଚ ଓ ଏସବୁ କୁରୀତି-ନୀତିର ସମୂଳ ବିଧ୍ୱଂସର ବ୍ରହ୍ମାସ୍ତ୍ର ସୃଜନ କଲେ ତଥା ମନୁଷ୍ୟକୁ ମଣିଷ ହେବାର ମାର୍ଗ ଦେଖାଇଲେ ତାହା ହେଲା - **'ସତ୍ୟାର୍ଥପ୍ରକାଶ'**।

ଊନବିଂଶ ଶତାବ୍ଦୀର ଅଷ୍ଟମ ଦଶକରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ପ୍ରଣୀତ ସତ୍ୟାର୍ଥପ୍ରକାଶ ଧାର୍ମିକ, ଦାର୍ଶନିକ ଓ ହିନ୍ଦୀ ସାହିତ୍ୟିକ ଜଗତର ଏକ ଅଦ୍‌ଭୁତ ରଚନା। ଏହି ବିଶ୍ୱ-ଧର୍ମକୋଷରେ ବୈଦିକ ସିଦ୍ଧାନ୍ତ ଓ ଦାର୍ଶନିକ ପ୍ରଶ୍ନର ସୂକ୍ଷ୍ମ ମୀମାଂସା ହିନ୍ଦୀ ଗଦ୍ୟରେ ପ୍ରଥମ ଥର ସେ ସମୟରେ ପ୍ରସ୍ତୁତ କରାଯାଇଥିଲା, ଯେତେବେଳେ କି ହିନ୍ଦୀକୁ ଏକ ମାମୁଲି ଭାଷା ରୂପେ ବିବେଚନା କରାଯାଉଥିଲା। ସେ ସମୟରେ ହିନ୍ଦୀ ଭାଷା କେବଳ କଥା ତଥା ନାଟକ ପର୍ଯ୍ୟନ୍ତ ହିଁ ସୀମିତ ଥିଲା। ରୀତିଯୁଗୀୟ ଶୃଙ୍ଗାର ରସ ଏହାର ମୁଖ୍ୟ ଅଳଙ୍କାର ଥିଲା। 'ସତ୍ୟାର୍ଥପ୍ରକାଶ' ଏହି ଗଡ୍‌ଡାଳିକା ପ୍ରବାହର ଏକ ସୁଦୃଢ଼ ମୋଡ଼ ଥିଲା। ହିନ୍ଦୀ ଗଦ୍ୟରେ ଶାସ୍ତ୍ରୀୟ ଆଧାରରେ ଖଣ୍ଡନ-ମଣ୍ଡନ, ଆଲୋଚନା-ପ୍ରତ୍ୟାଲୋଚନା ଓ ଉତ୍ତର-ପ୍ରତ୍ୟୁତ୍ତରର ଏହା ଏକ ପ୍ରମୁଖ ଗ୍ରନ୍ଥ।

ହିନ୍ଦୀକୁ ଲୋକପ୍ରିୟ ଜନଭାଷା କରିବାରେ ସତ୍ୟାର୍ଥପ୍ରକାଶ ତଥା ରାମଚରିତ ମାନସର ପ୍ରମୁଖ ଯୋଗଦାନ ରହିଛି। ଅସଂଖ୍ୟ ଧାର୍ମିକ ନର-ନାରୀ କେବଳ ଏ ଦୁଇ ଗ୍ରନ୍ଥର ସ୍ୱାଧ୍ୟାୟ ପାଇଁ ଦେବନାଗରୀ ଲିପି ଶିଖିଥିଲେ। ଲୋକପ୍ରିୟତା ଦୃଷ୍ଟିରୁ ହିନ୍ଦୀ ଗଦ୍ୟର ଅନ୍ୟ କୌଣସି ଗ୍ରନ୍ଥ ସତ୍ୟାର୍ଥପ୍ରକାଶର ସମସ୍କନ୍ଧ ହୋଇପାରି ନାହିଁ। ଏହା ଏକମାତ୍ର ଏପରି ଗ୍ରନ୍ଥ ଯାହାର ପ୍ରଥମ ଓ ଦ୍ୱିତୀୟ ସଂସ୍କରଣର ଅର୍ଦ୍ଧମୁଦ୍ରିତ ଅବସ୍ଥାରେ ହିଁ ବିକ୍ରି ଆରମ୍ଭ ହୋଇଯାଇଥିଲା। ବର୍ତ୍ତମାନ ସୁଦ୍ଧା କେବଳ ଦେବନାଗରୀ ଲିପିରେ ସତ୍ୟାର୍ଥପ୍ରକାଶ ଲକ୍ଷ-ଲକ୍ଷ ସଂଖ୍ୟାରେ ମୁଦ୍ରିତ ହୋଇସାରିଛି। ତନ୍ମଧ୍ୟରୁ କେବଳ ପରୋପକାରିଣୀ ସଭା, ଅଜମେର ପକ୍ଷରୁ ୨୦୦୬ର ୩୯ତମ ସଂସ୍କରଣ ସୁଦ୍ଧା ୪ ଲକ୍ଷ ପୁସ୍ତକ ପ୍ରକାଶିତ ହୋଇଛି। ହିନ୍ଦୀ ତଥା ଅନ୍ୟ ଭାଷାରେ ସତ୍ୟାର୍ଥପ୍ରକାଶର ୨୨ ଲକ୍ଷରୁ ଅଧିକ ସଂଖ୍ୟକ ପୁସ୍ତକ ଛପା ହୋଇସାରିଛି। ଏହାର ବିଭିନ୍ନ ସଂସ୍କରଣ, ଅନୁବାଦ ତଥା ପକ୍ଷ-ବିପକ୍ଷରେ ଲିଖିତ ପୁସ୍ତକର ସୂଚୀ ଡଃ. ଭବାନୀଲାଲ୍ ଭାରତୀୟଙ୍କ 'ବିଶ୍ୱଧର୍ମ କୋଷ : ସତ୍ୟାର୍ଥପ୍ରକାଶ' ତଥା ଉମାକାନ୍ତ ଉପାଧ୍ୟାୟଙ୍କ 'ଯୁଗନିର୍ମାତା ସତ୍ୟାର୍ଥପ୍ରକାଶ : ସନ୍ଦର୍ଭ ଦର୍ପଣ'ରେ ପ୍ରଦତ୍ତ।

ଏହା ହିଁ ଏକମାତ୍ର ପୁସ୍ତକ ଯାହାର ପକ୍ଷ-ବିପକ୍ଷରେ ସେ ସମୟରେ ସର୍ବାଧିକ ପୁସ୍ତକ ଲେଖାଯାଇଥିଲା। ଏହା ଦ୍ୱାରା ହିନ୍ଦୀ-ପ୍ରଚାରକୁ ମଧ୍ୟ ବହୁ ସହଯୋଗ ମିଳିଲା ଏବଂ ଜନମାନସରେ ଏହି ଗ୍ରନ୍ଥର ପ୍ରଭାବ ପଡ଼ିଲା। ଏକଥା ନିଃସନ୍ଦେହ ଯେ ଆଚାର୍ଯ୍ୟ ଶଙ୍କରଙ୍କ ବେଦାନ୍ତ ଦର୍ଶନର ଭାଷ୍ୟ ପରେ ଯଦି କୌଣସି ଗ୍ରନ୍ଥ ଭାରତର ଦାର୍ଶନିକ ଜଗତରେ ଭୂମିକମ୍ପ ଭଳି

ଆଲୋଡ଼ନ ସୃଷ୍ଟି କରିଥିଲା, ତେବେ ତାହା ଥିଲା ମହର୍ଷି ଦୟାନନ୍ଦଙ୍କ ଏହି କାଳଜୟୀ ଗ୍ରନ୍ଥ। ପରବର୍ତ୍ତୀ କାଳରେ ସତ୍ୟାର୍ଥପ୍ରକାଶ ଦେଶ-ବିଦେଶର ଅନେକ ଧାର୍ମିକ, ସାମାଜିକ ଓ ରାଜନୈତିକ ଆନ୍ଦୋଳନର ମୂଳସ୍ରୋତ ସିଦ୍ଧ ହେଲା।

## ନାମକରଣ

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନୁସାରେ ସତ୍ୟର ପ୍ରକାଶକ ତ ପରମେଶ୍ୱର ଅଟନ୍ତି, ଯିଏ କି ଏଇଥି ପାଇଁ ସୃଷ୍ଟିର ପ୍ରାରମ୍ଭରେ ବେଦଜ୍ଞାନ ପ୍ରଦାନ କରନ୍ତି। ମହର୍ଷି ତ କେବଳ ସେ ଆବରଣକୁ ଉଠାଉଛନ୍ତି ଯାହାକି ସମୟାନୁକ୍ରମେ ବେଦର ସତ୍ୟ-ଅର୍ଥ ଉପରେ ପଡ଼ିଯାଇଥିଲା। ଏଣୁ ଦୟାନନ୍ଦ ଏହି ଗ୍ରନ୍ଥର ନାମ 'ସତ୍ୟପ୍ରକାଶ' ନ ରଖି 'ସତ୍ୟାର୍ଥପ୍ରକାଶ' ରଖିଲେ। **'ସତ୍ୟାର୍ଥପ୍ରକାଶ'**ର ଅର୍ଥ ବେଦର ଶବ୍ଦ ଓ ସିଦ୍ଧାନ୍ତର ସତ୍ୟ ଅର୍ଥର ପ୍ରକାଶକ। ଏହା ଈଶ୍ୱର ଓ ବେଦ ପ୍ରତି ମହର୍ଷିଙ୍କର ଗଭୀର ଶ୍ରଦ୍ଧାର ଅଭିବ୍ୟକ୍ତି।

## ଭିନ୍ନ ସଂସ୍କରଣ

ସତ୍ୟାର୍ଥପ୍ରକାଶ ବିଭିନ୍ନ ବିଷୟ ବିଷୟରେ ମହର୍ଷି ଦୟାନନ୍ଦଙ୍କ ଚିନ୍ତନର ସାର। ଏହାର ଦୁଇଟି ଭିନ୍ନ-ଭିନ୍ନ ସଂସ୍କରଣ। ପ୍ରଥମ ସଂସ୍କରଣ ୧୮୭୫ ଖ୍ରୀଷ୍ଟାବ୍ଦ (ବିକ୍ରମାବ୍ଦ ୧୯୩୨)ର। ଏହା କେବଳ ଥରେ ପ୍ରକାଶିତ ହୋଇଥିଲା। ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂଶୋଧିତ ସଂସ୍କରଣ ବୈଦିକ ଯନ୍ତ୍ରାଳୟ, ପ୍ରୟାଗରୁ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ପରେ ୧୮୮୪ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ସତ୍ୟାର୍ଥପ୍ରକାଶ କହିଲେ ଏହି ଦ୍ୱିତୀୟ ସଂସ୍କରଣକୁ ହିଁ ବୁଝାଯାଉଛି ଏବଂ ବିଭିନ୍ନ ସଂସ୍ଥାନ ଓ ପ୍ରକାଶକଙ୍କ ଦ୍ୱାରା ଏହି ସଂସ୍କରଣ ଓ ଏହାର ଅନୁବାଦ ହିଁ ପ୍ରକାଶିତ ହୋଇଆସୁଛି। ଦ୍ୱିତୀୟ ସଂସ୍କରଣରେ ପୂର୍ବାପେକ୍ଷା କିଛି ଯୋଡ଼ାଯାଇଛି ତ କିଛି ଛଡ଼ା ବି ଯାଇଛି। ଦ୍ୱିତୀୟ ସଂସ୍କରଣରେ ବେଦାଦି ଗ୍ରନ୍ଥର ଉଦ୍ଧରଣ ବି ଅଧିକ ଦିଆଯାଇଛି। ଭାଷାରେ ମଧ୍ୟ ସୁଧାର କରାଯାଇଛି।

## ଗ୍ରନ୍ଥ ରଚନାର ଇତିହାସ

ବୈଦିକ ଧର୍ମର ପ୍ରଚାର-ପ୍ରସାର କରିବା ଉଦ୍ଦେଶ୍ୟରେ ମହର୍ଷି ଦୟାନନ୍ଦ ୧୮୭୪ ଖ୍ରୀଷ୍ଟାବ୍ଦ ମଇ ମାସ (ବିକ୍ରମାବ୍ଦ ୧୯୩୧, ଜ୍ୟେଷ୍ଠ ମାସ)ରେ କାଶୀରେ ପହଞ୍ଚିଲେ। ସେତେବେଳେ ସେଠାକାର ଡେପୁଟି କଲେକ୍ଟର ଥିଲେ ରାଜା ଜୟକୃଷ୍ଣଦାସ, ସି.ଏସ୍.ଆଇ। ରାଜା ଜୟକୃଷ୍ଣଦାସ ମୁରାଦାବାଦର ନିବାସୀ ଏବଂ ସାମବେଦୀୟ ବ୍ରାହ୍ମଣ ଥିଲେ। ମହର୍ଷିଙ୍କ ସହ ତାଙ୍କର ପୂର୍ବ ପରିଚୟ ଥିଲା। ମହର୍ଷିଙ୍କ ଜନ-କଲ୍ୟାଣକାରୀ ଉପଦେଶ ଶୁଣି ତାଙ୍କ ପ୍ରତି ଜୟକୃଷ୍ଣ ଦାସଙ୍କ ଶ୍ରଦ୍ଧା ଭାବନା ଥିଲା। ସେ ଋଷିବରଙ୍କୁ ନିବେଦନ କଲେ—"ଭଗବନ୍! ଆପଣଙ୍କ ଉପଦେଶାମୃତରେ କେବଳ ଉପଦେଶ ଶୁଣିବାକୁ ଆସୁଥିବା ଶ୍ରୋତାମାନେ ହିଁ ଉପକୃତ ହେଉଛନ୍ତି। ଯେଉଁମାନଙ୍କୁ ଆପଣଙ୍କ ମୁଖାରବିନ୍ଦରୁ ଉପଦେଶ ଶ୍ରବଣ କରିବାର ସୌଭାଗ୍ୟ ମିଳିପାରୁନାହିଁ ସେମାନେ ସେ ଲାଭରୁ ବଞ୍ଚିତ ରହୁଛନ୍ତି। ଏଣୁ ଯଦି ଉପଦେଶଗୁଡ଼ିକୁ ସଂକଳନ କରି ଗ୍ରନ୍ଥ ଆକାରରେ ପ୍ରକାଶନ କରିଦିଆଯାଆନ୍ତା, ତେବେ ସେମାନେ ବି ଉପକୃତ ହୋଇପାରନ୍ତେ ଯେଉଁମାନଙ୍କୁ ଆପଣଙ୍କ ପ୍ରବଚନ ଶୁଣିବାର ସୌଭାଗ୍ୟ ମିଳୁନାହିଁ। ତା' ସହ ଏ ଉପଦେଶ ସବୁ ଚିରସ୍ଥାୟୀ ହୋଇଯାଆନ୍ତା ଏବଂ ଭବିଷ୍ୟତ ପିଢ଼ି ବି ଏତଦ୍ୱାରା ଲାଭାନ୍ୱିତ ହୋଇପାରନ୍ତେ। ଏହି ଗ୍ରନ୍ଥ ଲିପିବଦ୍ଧ କରିବା ବ୍ୟବସ୍ଥା ଏବଂ ଛପାଇବାର ସମସ୍ତ ବ୍ୟୟ ମୁଁ ବହନ କରିବି।"

ମହର୍ଷିଙ୍କୁ ଏହି ପ୍ରସ୍ତାବ ଉପଯୋଗୀ ଅନୁଭୂତ ହେଲା ଏବଂ ସେ ଏଥିପାଇଁ ତୁରନ୍ତ ସ୍ୱୀକୃତି ପ୍ରଦାନ କଲେ। ମହର୍ଷିଙ୍କ

ବିଚାରକୁ ଲିପିବଦ୍ଧ କରିବା ପାଇଁ ରାଜା ଜୟକୃଷ୍ଣଦାସ ଜଣେ ମହାରାଷ୍ଟ୍ରୀୟ ପଣ୍ଡିତ ଚନ୍ଦ୍ରଶେଖରଙ୍କୁ ନିଯୁକ୍ତ କଲେ। ମହର୍ଷି କହିଚାଲୁଥାନ୍ତି ଏବଂ ପଣ୍ଡିତ ଚନ୍ଦ୍ରଶେଖର ତାକୁ ଲେଖୁଥାନ୍ତି। ମାତୃଭାଷା ଗୁଜରାଟୀ ଥିବାରୁ ଓ ବହୁ ବର୍ଷ ଧରି କେବଳ ସଂସ୍କୃତରେ କହୁଥିବାରୁ ତଥା ହିନ୍ଦୀ କହିବାର ଅନଭ୍ୟାସ କାରଣରୁ ଋଷିଙ୍କ ମୁଖରୁ ଯେଉଁ ଭାବ ଅନାୟାସରେ ସଂସ୍କୃତରେ ବ୍ୟକ୍ତ ହୋଇଯାଉଥିଲା, ତା'ର ହିନ୍ଦୀ ଅନୁବାଦ ମଧ୍ୟ ଚନ୍ଦ୍ରଶେଖର କରୁଥିଲେ। ଏହିପରି ଭାବେ ଏହି ଗ୍ରନ୍ଥ ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଡାକି ଲେଖାଯାଇଥିବା ଗ୍ରନ୍ଥ, ଶ୍ରୁତଲିଖନ ପଦ୍ଧତିରେ ରଚିତ ପୁସ୍ତକ, ଋଷିଙ୍କ ହସ୍ତଲିଖିତ ନୁହେଁ। ଏହି ଗ୍ରନ୍ଥ ପ୍ରବଚନ ଶୈଳୀରେ ଲିଖିତ। ହିନ୍ଦୀ ଗଦ୍ୟ ସାହିତ୍ୟରେ ପ୍ରବଚନ ଶୈଳୀରେ ଲେଖାଯାଇଥିବା ଏହା ସର୍ବପ୍ରଥମ ପୁସ୍ତକ।

## ଗ୍ରନ୍ଥ ହିନ୍ଦୀରେ କାହିଁକି ?

ମହର୍ଷିଙ୍କ ମାତୃଭାଷା ଗୁଜରାଟୀ ଥିଲା। କିନ୍ତୁ ମାର୍ଚ୍ଚ ୧୮୬୭ରେ ହରିଦ୍ୱାରର କୁମ୍ଭମେଳାରେ ପାଖଣ୍ଡ-ଖଣ୍ଡନୀ ପତାକା ଉଡ଼ାଇ ବୈଦିକ ଧର୍ମର ପ୍ରଚାର କରିବା ପରଠାରୁ ଋଷି ଅନେକ ବର୍ଷ ପର୍ଯ୍ୟନ୍ତ କେବଳ ସଂସ୍କୃତରେ କଥାବାର୍ତ୍ତା କରୁଥିଲେ। ପ୍ରବଚନ ବି ଅତି ସରଳ ସଂସ୍କୃତରେ ଦେଉଥିଲେ, ଯାହାକି ଅଳ୍ପ ପରିଶ୍ରମରେ ଶ୍ରୋତା ସହଜରେ ବୁଝିପାରିବେ। ସେ ୧୬ ଡିସେମ୍ବର ୧୮୭୨ ରୁ ୧ ଅପ୍ରେଲ ୧୮୭୩ ପର୍ଯ୍ୟନ୍ତ କଲିକତାରେ ରହିଲେ। ସେତେବେଳେ ତାଙ୍କୁ ଅନୁଭବ ହେଲା ଯେ ସେ ସଂସ୍କୃତ-ଭାଷୀ ହେବାର ଅନୁଚିତ ଲାଭ ପୌରାଣିକ ପଣ୍ଡିତ ଉଠାଉଛନ୍ତି। ତାଙ୍କର ପ୍ରବଚନରେ ଯେଉଁ ସ୍ଥଳରେ ପୌରାଣିକ ସିଦ୍ଧାନ୍ତର ଖଣ୍ଡନ ହେଉଛି, ସେମାନଙ୍କ ସ୍ୱାର୍ଥ ହାନି ହେବାର ଦେଖାଯାଉଛି ସେ ସ୍ଥାନରେ ସେ ପୌରାଣିକ ପଣ୍ଡିତମାନେ ପ୍ରବଚନର ଓଲଟା ଅର୍ଥ ଲୋକଙ୍କୁ ବୁଝାଇ ଦେଉଛନ୍ତି। କାହିଁକି ନା ୨୩ ଫେବୃଆରୀ ୧୮୭୩ ରେ ଗୋରାଚାନ୍ଦ ଦତ୍ତଙ୍କ ନିବାସରେ 'ଈଶ୍ୱର ଓ ଧର୍ମ' ବିଷୟରେ ଋଷିଙ୍କ ଭାଷଣରେ ମୂର୍ତ୍ତିପୂଜାର ସ୍ପଷ୍ଟ ଖଣ୍ଡନ ଥିଲା। କିନ୍ତୁ ବଙ୍ଗାଳୀ ଭାଷାରେ ତା'ର ଅନୁବାଦ କରି ଶ୍ରୋତାଙ୍କୁ ବୁଝାଉଥିବା ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ତା'ର ଅନ୍ୟଥା ଅର୍ଥ କରି ବୁଝାଇଥିଲେ। ଶ୍ରୋତାଙ୍କୁ ବଙ୍ଗଳା ଭାଷାରେ କ'ଣ କୁହାଗଲା ଋଷି ତ ବୁଝିପାରିଲେନି। କିନ୍ତୁ ସଭାରେ ଉପସ୍ଥିତ ଥିବା ସେଠାକାର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରମାନେ ମହେଶଚନ୍ଦ୍ରଙ୍କ ଏ ଅନର୍ଥ ଅନୁବାଦର ପ୍ରତିବାଦ କଲେ। ତା' ପରେ ବ୍ରାହ୍ମସମାଜର ନେତା କେଶବଚନ୍ଦ୍ର ସେନ୍ ଏଣିକି ହିନ୍ଦୀ ଭାଷାରେ ବ୍ୟାଖ୍ୟାନ କରିବା ପାଇଁ ସ୍ୱାମୀଜୀଙ୍କୁ ନିବେଦନ କଲେ। ସ୍ୱାମୀଜୀ ଏ ଉଚିତ ପ୍ରସ୍ତାବ ସ୍ୱୀକାର କଲେ। ସେ ଏଣିକି ହିନ୍ଦୀରେ କହିବାକୁ ମନ ବଳାଇଲେ ଏବଂ ତାହା ବି ୪୮ ବର୍ଷ ବୟସରେ। ୧୮୭୪ରେ ସ୍ୱାମୀଜୀ ବୈଦିକ ଧର୍ମ ପ୍ରଚାର ପାଇଁ ପଞ୍ଚମ ଥର କାଶୀ ଆସିବା ବେଳକୁ ଅଳ୍ପ-ଅଳ୍ପ ହିନ୍ଦୀ କହିବା ଆରମ୍ଭ କରିସାରିଥିଲେ, ତଥାପି ଦୀର୍ଘକାଳର ଅଭ୍ୟାସ କାରଣରୁ ଅନେକ ଶବ୍ଦ ତଥା ବାକ୍ୟ ସ୍ୱାଭାବିକ ରୂପେ ସଂସ୍କୃତରେ ହିଁ ବାହାରି ଯାଉଥିଲା। ସେ ସମୟରେ ପ୍ରାଚୀନ ଧର୍ମଶାସ୍ତ୍ର ଓ ଭାଷ୍ୟଗୁଡ଼ିକ ମୁଖ୍ୟତଃ ସଂସ୍କୃତ ଭାଷାରେ ଥିବା ସତ୍ତ୍ୱେ ସ୍ୱାର୍ଥୀ ପଣ୍ଡିତମାନେ ଜନସାଧାରଣଙ୍କୁ ଦୟାନନ୍ଦଙ୍କ କଥନର ଓଲଟା ଅଭିପ୍ରାୟ ନ ବୁଝାଇ ଦିଅନ୍ତୁ, ଜନସାଧାରଣ ସିଧା-ସଳଖ ନିଜେ ପଢ଼ି ମଧ୍ୟ ଋଷିଙ୍କ ଆଶୟକୁ ଠିକ୍-ଠିକ୍ ଅବଗତ ହୁଅନ୍ତୁ, ଏହି ଉଦ୍ଦେଶ୍ୟରେ ମହର୍ଷି ଏହି କାଳଜୟୀ କୃତିକୁ ଆର୍ଯ୍ୟ(ହିନ୍ଦୀ) ଭାଷାରେ ରଚନା କଲେ। ସମଗ୍ର ଆର୍ଯ୍ୟାବର୍ତ୍ତକୁ ଏକ ସୂତ୍ରରେ ବାନ୍ଧିବାକୁ ହେଲେ ଆକୁମାରୀହିମାଚଳ ଏକ ସଂଯୋଗକାରୀ ଭାଷା ଆବଶ୍ୟକ ବୋଲି ଋଷି ହୃଦୟଙ୍ଗମ କରିଥିଲେ। ସମୟର ଆବଶ୍ୟକତା ଦୃଷ୍ଟିରୁ ହିନ୍ଦୀକୁ ଆର୍ଯ୍ୟମାନଙ୍କ ସଂଯୋଗକାରୀ ଭାଷା କରିବା ପାଇଁ ଋଷି ହିନ୍ଦୀକୁ ଆର୍ଯ୍ୟଭାଷା ବୋଲି କହୁଥିଲେ।

## ଗ୍ରନ୍ଥ ରଚନା କାଳ

ରାଜା ଜୟକୃଷ୍ଣଦାସଙ୍କ ଉଚିତ ପ୍ରସ୍ତାବକୁ ସ୍ୱୀକାର କରି ମହର୍ଷି ୧୨ ଜୁନ୍ ୧୮୭୪ (ଆଷାଢ଼ କୃଷ୍ଣ ତ୍ରୟୋଦଶୀ, ୧୯୩୧ ବିକ୍ରମାବ୍ଦ) ଶୁକ୍ରବାର ଦିନ କାଶୀରେ ସତ୍ୟାର୍ଥପ୍ରକାଶ ଲେଖାଇବା କାର୍ଯ୍ୟ ଆରମ୍ଭ କଲେ। ଋଷି ଦୟାନନ୍ଦ ୧

ଜୁଲାଇରେ କାଶୀରୁ ପ୍ରୟାଗ ଚାଲିଗଲେ ଏବଂ ସେପ୍ଟେମ୍ବର ମାସ ଶେଷ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କଲେ। ପ୍ରୟାଗରେ ହିଁ ସତ୍ୟାର୍ଥପ୍ରକାଶ ଲେଖାଇବା କାର୍ଯ୍ୟ ସମ୍ପନ୍ନ ହେଲା। ମହର୍ଷିଙ୍କ ଜୀବନଚରିତ ଲେଖକଙ୍କ ମତାନୁସାରେ ପ୍ରାୟ ଅଢ଼େଇ-ତିନି ମାସ ମଧ୍ୟରେ ୧ରୁ ୧୪ ସମୁଲ୍ଲାସ ପର୍ଯ୍ୟନ୍ତ ୧୪ଟି ସମୁଲ୍ଲାସ ବିଶିଷ୍ଟ ଏହି ବୃହତ୍‌କାୟ ଗ୍ରନ୍ଥର ଲେଖନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପୁସ୍ତକ ପ୍ରକାଶନ ନିମନ୍ତେ ରାଜା ଜୟକୃଷ୍ଣଦାସଙ୍କୁ ପାଣ୍ଡୁଲିପି ଅର୍ପଣ କରି ଋଷି ସେପ୍ଟେମ୍ବର ୧୮୭୪ ପରେ ଧର୍ମପ୍ରଚାରରେ ବାହାରିଗଲେ।

ଋଷି ସ୍ୱ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିବା ସତ୍ତ୍ୱେ ଏତେ ଅଳ୍ପ ସମୟ ମଧ୍ୟରେ ଏହି ଗ୍ରନ୍ଥରେ ୩୭୭ ଗ୍ରନ୍ଥର ପ୍ରାୟ ୧୫୫୦ ପ୍ରମାଣ ଉଦ୍ଧୃତ କରିଛନ୍ତି। ଏହି ପ୍ରମାଣ ମଧ୍ୟରେ ବେଦ, ବ୍ରାହ୍ମଣଗ୍ରନ୍ଥ, ଉପନିଷଦ, ଦର୍ଶନଶାସ୍ତ୍ର, ସ୍ମୃତିଗ୍ରନ୍ଥ, ପୁରାଣ, ଗୃହ୍ୟସୂତ୍ର ହିଁ ନୁହେଁ ଅପିତୁ ବୌଦ୍ଧ ଓ ଜୈନଗ୍ରନ୍ଥର ପ୍ରମାଣ ସାଙ୍ଗକୁ ବାଇବେଲ୍ ଓ କୋରାନ୍‌ର ସନ୍ଦର୍ଭ ବି ଅନ୍ତର୍ଭୁକ୍ତ। ଯଦି କୌଣସି ଗବେଷକଙ୍କୁ ସମସ୍ତ ସୁବିଧା ପ୍ରଦାନ କରି କୌଣସି ବିଶାଳ ପୁସ୍ତକାଳୟରେ ବସାଇ ଦିଆଯାଏ ତେବେ ମଧ୍ୟ ତାଙ୍କୁ ଏତେ ସଂଖ୍ୟକ ଉଦ୍ଧରଣ ସଂକଳନ କରିବାରେ ହିଁ ଅନେକ ବର୍ଷ ଲାଗିଯିବ, ମୌଳିକ ଗ୍ରନ୍ଥ ସୃଜନ କରିବା ତ ଦୂରର କଥା। ଏହି ଗ୍ରନ୍ଥକୁ ଲେଖାଇବା ସମୟରେ ଋଷି ଦୟାନନ୍ଦଙ୍କ ପାଖରେ କୌଣସି ପୁସ୍ତକାଳୟ ନ ଥିଲା କି ତଥ୍ୟ ଯୋଗାଇବା ପାଇଁ କୌଣସି ସହାୟକ ମଧ୍ୟ ନ ଥିଲେ। ଏଭଳି ଗ୍ରନ୍ଥ, ଯେଉଁଥିରେ କି ସମସ୍ତ ପ୍ରମୁଖ ଶାସ୍ତ୍ର ଓ ମତର ସାର ସଂଗ୍ରହ ହୋଇଥିବ, ସତ୍ୟାର୍ଥପ୍ରକାଶ ପୂର୍ବରୁ ବିଦ୍ୟମାନ ବି ନ ଥିଲା। ଅତଃ ଏହାକୁ ଏତେ ଅଳ୍ପ ସମୟର ଅବଧି ମଧ୍ୟରେ ସ୍ମୃତିଶକ୍ତି ଆଧାରରେ ଲେଖାଇବା ମାନବ ମସ୍ତିଷ୍କର ଅଦ୍‌ଭୁତ ଚମତ୍କାରିତା ବ୍ୟତୀତ ଆଉ କ'ଣ ହୋଇପାରେ ? ପ୍ରାୟତଃ ତଥ୍ୟ-ପ୍ରମାଣ ସମ୍ବଳିତ ସାଧାରଣ ପୁସ୍ତକ ଖଣ୍ଡେ ଲେଖିବା ପାଇଁ ବି ଭଲ ପୁସ୍ତକାଳୟ ଓ ବର୍ଷ-ବର୍ଷ ସମୟ ଲାଗେ। ଆର୍ଥିକ ଦୃଷ୍ଟିକୋଣରୁ ବିଶ୍ୱରେ କ୍ରାନ୍ତି ସୃଷ୍ଟି କରିଥିବା 'ଦାସ୍ କ୍ୟାପିଟାଲ୍' ଲେଖିବା ପାଇଁ କାର୍ଲ ମାର୍କସ୍‌ଙ୍କୁ ଇଂଲଣ୍ଡରେ ବସି ୩୪ ବର୍ଷର ପରିଶ୍ରମ ଲାଗିଥିଲା। ଅଥଚ କର୍ମ ଆଧାରରେ ସାମାଜିକ ବ୍ୟବସ୍ଥା (ବର୍ଣ୍ଣାଶ୍ରମ ବ୍ୟବସ୍ଥା) ନିର୍ଦ୍ଧାରଣ କରୁଥିବା କ୍ରାନ୍ତିକାରୀ ଗ୍ରନ୍ଥ ଦେବ ଦୟାନନ୍ଦ ମାତ୍ର ୩ ମାସ ମଧ୍ୟରେ ଲେଖିଦେଲେ। ଜନ୍ମରୁ କେହି ଛୋଟ-ବଡ଼, ଉଚ୍ଚ-ନୀଚ ଆଦି ନୁହନ୍ତି, ଅପିତୁ କର୍ମ ଆଧାରରେ ହିଁ ବ୍ୟକ୍ତି ଛୋଟ-ବଡ଼ ହୋଇଥାଏ; ବୈଦିକ ସମାଜବାଦର ଏହି ଦୃଷ୍ଟିକୋଣ ଏ ଗ୍ରନ୍ଥ ଦ୍ୱାରା ପ୍ରତିପାଦିତ ହୋଇଛି।

## ପ୍ରଥମ ସଂସ୍କରଣ

ରାଜା ଜୟକୃଷ୍ଣଦାସ ଏହି ସତ୍ୟାର୍ଥପ୍ରକାଶକୁ ୧୮୭୫ ଖ୍ରୀଷ୍ଟାବ୍ଦରେ ବନାରସର ଷ୍ଟାର୍ ପ୍ରେସ୍‌ରେ ହରିବଂଶଲାଲଙ୍କ ତତ୍ତ୍ୱାବଧାନରେ ଛପାଇଥିଲେ। ୧୦୦୦ ସଂଖ୍ୟକ ପୁସ୍ତକ ମୁଦ୍ରଣ କରାଯାଇଥିଲା। ପୁସ୍ତକର ମୂଲ୍ୟ ୩ ଟଙ୍କା ଥିଲା; କିନ୍ତୁ ଋଷି ଦୟାନନ୍ଦ ଏହାକୁ ଅଢେଇ ଟଙ୍କାରେ ଦେଉଥିଲେ। ପୁସ୍ତକର ଭିତରର ଦ୍ୱିତୀୟ ପୃଷ୍ଠାରେ ପ୍ରଥମ ନିବେଦନରେ ରାଜା ଜୟକୃଷ୍ଣଦାସ ଛାପିଥିଲେ — "ଏହି ପୁସ୍ତକ ଶ୍ରୀ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ମୋର ବ୍ୟୟରେ ରଚନା କରିଛନ୍ତି ଓ ମୋର ବ୍ୟୟରେ ହିଁ ଏହା ମୁଦ୍ରିତ ହୋଇଛି। ସ୍ୱାମୀଜୀ ଏହାର ରଚନାଧିକାର ମୋତେ ଦେଇଛନ୍ତି ଏବଂ ମୁଁ ଏହାର ଅଧିଷ୍ଠାତା ଅଟେ। ମୋ ଦ୍ୱାରା ଏହି ପୁସ୍ତକର ପଞ୍ଜିକରଣ ଆଇନ ୨୦ ସନ୍ ୧୮୪୭ ଖ୍ରୀ. ଅନୁସାରେ ହୋଇଛି। ମୋର ଅଥବା ମୋର ଅନୁମତି ବ୍ୟତୀତ ଅନ୍ୟ କାହାର ଏହି ପୁସ୍ତକ ମୁଦ୍ରଣ କରିବାର ଅଧିକାର ନାହିଁ।"

ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣରେ ରାଜା ଜୟକୃଷ୍ଣଦାସ କେବଳ ପ୍ରଥମ ୧୨ଟି ସମୁଲ୍ଲାସ ହିଁ ପ୍ରକାଶିତ କରିଥିଲେ। ୧୩ ଓ ୧୪ ସମୁଲ୍ଲାସ ପ୍ରକାଶିତ କରିନଥିଲେ। ଏ ଦୁଇ ସମୁଲ୍ଲାସରେ ଇସଲାମ୍ ଓ ଖ୍ରୀଷ୍ଟମତର ସମୀକ୍ଷା ଥିଲା।

ରାଜା ଜୟକୃଷ୍ଣଦାସ ଇଂରେଜ ସରକାରଙ୍କ ଅଧୀନରେ ଡେପୁଟୀ କଲେକ୍ଟର ଥିବାରୁ ତଥା ସାର୍ ସୈୟଦ ଅହମ୍ମଦ ଖାଁ ପ୍ରଭୃତି ପ୍ରତିଷ୍ଠିତ ମୁସଲମାନ ତାଙ୍କ ମିତ୍ର ଥିବାରୁ ସମ୍ଭବତଃ ଇଂରେଜ ସରକାରଙ୍କ ରୋଷ ଦୃଷ୍ଟି ତାଙ୍କ ଉପରେ ନ ପଡୁ କି ମୁସଲମାନ ବନ୍ଧୁମାନେ ନ ବିଗିଡ଼ିଯାଆନ୍ତୁ ଭାବି ସେ ଏ ଦୁଇଟି ସମୁଲ୍ଲାସ ଛପାଇ ନ ଥିଲେ । ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣର ହସ୍ତଲିଖିତ ପାଣ୍ଡୁଲିପି, ଯାହାକି ପରୋପକାରିଣୀ ସଭା, ଅଜମେରର ସଂଗ୍ରହାଳୟରେ ସୁରକ୍ଷିତ ଅଛି, ସେଥିରେ ଏ ଉଭୟ ସମୁଲ୍ଲାସ ବିଦ୍ୟମାନ ।

ଋଷି ଦୟାନନ୍ଦ ସତ୍ୟାର୍ଥପ୍ରକାଶର ପାଣ୍ଡୁଲିପି ତ ପଢ଼ିଥିଲେ ଏବଂ ମୂଳପ୍ରତିର ୧୨ ସମୁଲ୍ଲାସ ପର୍ଯ୍ୟନ୍ତ ସ୍ୱୟଂ ଅନେକ ସଂଶୋଧନ କରିଥିଲେ । ତା' ପରେ ସ୍ୱାମୀଜୀ ୧୮୭୪ ସେପ୍ଟେମ୍ବରରୁ ୧୮୭୫ର ଶେଷ ପର୍ଯ୍ୟନ୍ତ ଜବଲପୁର, ନାସିକ, ମୁମ୍ବାଇ (୩ଥର), ସୁରତ, ଭଡୌଚ, ଅହମ୍ମଦାବାଦ (୨ଥର), ନାନ୍ଦେଡ଼, ରାଜକୋଟ, ବଡ଼ୋଯାନ, ପୁଣେ (୨ଥର), ସତାରା, ବଡ଼ୌଦା ଆଦି ସ୍ଥାନରେ ବୈଦିକ ଧର୍ମ ପ୍ରଚାରରେ ବ୍ୟସ୍ତ ରହିଲେ । ତେଣୁ ସେ ସତ୍ୟାର୍ଥପ୍ରକାଶର ମୁଦ୍ରିତ ପ୍ରୁଫ୍ ଦେଖି ପାରିଲେ ନାହିଁ । ପରିଣାମତଃ ଏହି ପ୍ରକାଶନ କାର୍ଯ୍ୟ ସହ ସମ୍ବନ୍ଧିତ ପଣ୍ଡିତ ତଥା ରାଜା ଜୟକୃଷ୍ଣଦାସ ପାରମ୍ପରିକ ସଂସ୍କାରବଶତଃ ଏଥିରେ ମହର୍ଷିଙ୍କ ବୈଦିକ ମାନ୍ୟତାର ବିରୁଦ୍ଧ (ଯଥା— ମୃତକ-ଶ୍ରାଦ୍ଧ, ଶ୍ରାଦ୍ଧରେ ମାଂସପ୍ରଦାନ, ମାଂସଭକ୍ଷଣ, ଯଜ୍ଞରେ ପଶୁହିଂସା ଆଦି) ବିଚାରର ଅପମିଶ୍ରଣ କରିଦେଲେ; ଯାହାକି ସେ ସମୟରେ ସାମାଜିକ ମାନ୍ୟତା ରୂପେ ସମାଜରେ ବଦ୍ଧମୂଳ ଥିଲା ଏବଂ ଯେଉଁସବୁକୁ ନ ମାନିବା ଧର୍ମବିରୋଧୀ ବୋଲି ବିବେଚନା କରାଯାଉଥିଲା । ସରଳ-ନିଷ୍କପଟ ସାଧୁ ସ୍ୱପ୍ନରେ ବି ଭାବିନଥିବେ ଯେ ତାଙ୍କ ସହ ଏଭଳି ପ୍ରତାରଣା-ପ୍ରବଞ୍ଚନା ବି କରାଯାଇପାରେ ।

ଋଷି ଦୟାନନ୍ଦ ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣର ପ୍ରୁଫ୍ ତ ପଢ଼ି ନଥିଲେ, ମୁଦ୍ରିତ ପୁସ୍ତକ ବି ପଢ଼ି ନଥିଲେ । ସତ୍ୟାର୍ଥପ୍ରକାଶ ମୁଦ୍ରିତ ହେବା ପରେ ବିକ୍ରି ହୋଇଚାଲିଥିଲା ଏବଂ ମହର୍ଷି ନିଶ୍ଚିନ୍ତ ହୋଇ ସ୍ୱ ପ୍ରଚାର-ଅଭିଯାନରେ ବ୍ୟସ୍ତ ଥିଲେ । ବିକ୍ରମାବ୍ଦ ୧୯୩୪ରେ ଯେତେବେଳେ ସେ ଏକ ପ୍ରବଚନରେ ମୃତକ-ଶ୍ରାଦ୍ଧର ଖଣ୍ଡନ କରୁଥିଲେ ସେତେବେଳେ ଜଣେ ବ୍ରାହ୍ମଣ କୁଳୋତ୍ପନ୍ନ ବ୍ୟକ୍ତି ସତ୍ୟାର୍ଥପ୍ରକାଶ ଦେଖାଇ ତାଙ୍କୁ କହିଲେ— 'ଆପଣ ତ ପ୍ରବଚନରେ ଅଲଗା କହୁଛନ୍ତି, ଏଣେ ସତ୍ୟାର୍ଥପ୍ରକାଶରେ ଅନ୍ୟଥା ଲେଖିଛନ୍ତି ।' ସେତେବେଳେ ଋଷି ତାଙ୍କଠୁ ପୁସ୍ତକ ନେଇ ଦେଖିଲେ ଏବଂ କହିଲେ, 'ଆପଣ ଠିକ୍ କହୁଛନ୍ତି । ଲିପିକାର ଓ ମୁଦ୍ରକ ମୋର କଥନର ବିରୁଦ୍ଧ କଥା ଲେଖି ଛାପି ଦେଇଛନ୍ତି ।' ସ୍ୱାମୀଜୀ ସେତେବେଳେ ଏକ ବିଜ୍ଞାପନ ଲେଖି ପଠାଇଲେ ଯାହା କି ଋଗ୍‌ବେଦ ଓ ଯଜୁର୍ବେଦ ଭାଷ୍ୟର ପ୍ରଥମ ଓ ଦ୍ୱିତୀୟ ଅଙ୍କର ମୁଖପୃଷ୍ଠର ପଛରେ ବିକ୍ରମାବ୍ଦ ୧୯୩୫ (୧୮୭୮ ଖ୍ରୀଷ୍ଟାବ୍ଦ)ରେ ଛପିଥିଲା । ସେଥିରେ ଲେଖାଥିଲା— "ସତ୍ୟାର୍ଥପ୍ରକାଶର ୪୨ ପୃଷ୍ଠାର ୨୫ ପଂକ୍ତିରେ - 'ପିତର ଆଦିଙ୍କ ମଧ୍ୟରୁ ଯିଏ ବଞ୍ଚିଛନ୍ତି ସେମାନଙ୍କ ତର୍ପଣ କରିବେ ନାହିଁ; ଆଉ ଯେଉଁମାନେ ମରିଯାଇଛନ୍ତି ସେମାନଙ୍କର ତ ଅବଶ୍ୟ କରିବେ' ତଥା ୪୭ ପୃଷ୍ଠାର ୨୧ ପଂକ୍ତିରେ - 'ମୃତ ପିତ୍ରାଦିଙ୍କ ତର୍ପଣ ଓ ଶ୍ରାଦ୍ଧ କରିବା ବିଧେୟ' ଇତ୍ୟାଦି ତର୍ପଣ ଓ ଶ୍ରାଦ୍ଧ ବିଷୟକ ଯାହା କିଛି ଛପିଯାଇଛି ତାହା ଲିପିକାର ଓ ସଂଶୋଧକଙ୍କ ତ୍ରୁଟି ଯୋଗୁଁ ଛାପିହୋଇଯାଇଛି । ଏହା ପରିବର୍ତ୍ତେ ଏପରି ବୁଝିବା ଆବଶ୍ୟକ ଯେ— "ଜୀବିତଙ୍କୁ ଶ୍ରଦ୍ଧାରେ ସେବା କରି ନିତ୍ୟ ତୃପ୍ତ କରିବା ସନ୍ତାନ ଆଦିଙ୍କର ପରମ ଧର୍ମ । ଆଉ ଯେଉଁମାନେ ମରିଯାଇଛନ୍ତି ସେମାନଙ୍କ ଶ୍ରାଦ୍ଧ-ତର୍ପଣ ଅନୁଚିତ । କାରଣ କୌଣସି ବ୍ୟକ୍ତି ମୃତ ଜୀବଙ୍କ ପାଖରେ କୌଣସି ପଦାର୍ଥ ପହୁଞ୍ଚାଇ ପାରିବ ନାହିଁ କି ମୃତ ଜୀବ ସନ୍ତାନାଦିଙ୍କ ଦ୍ୱାରା ପ୍ରଦତ୍ତ କୌଣସି ପଦାର୍ଥ ଗ୍ରହଣ କରିପାରିବ ନାହିଁ । ଏଥିରୁ ଏହି ନିଷ୍କର୍ଷ ବାହାରୁଛି ଯେ ଜୀବିତ ପିତା ଆଦିଙ୍କ ସେବା ପ୍ରୀତିପୂର୍ବକ କରିବାର ନାମ ତର୍ପଣ ଓ ଶ୍ରାଦ୍ଧ, ମୃତକଙ୍କର ନୁହେଁ ।"

ସେହିପରି ଅନ୍ୟ ଏକ ଘଟଣା । ଦିନେ ଠାକୁର ମୁକୁନ୍ଦ ସିଂହ, ରଈସ, ଗ୍ରାମ-ଛଲେସର, ଜି-ଆଲିଗଡ଼ଙ୍କ ପତ୍ର

ମହର୍ଷିଙ୍କ ପାଖକୁ ଆସିଲା । ଯେଉଁଥିରେ ଋଷିଙ୍କୁ ନିବେଦନ କରାଯାଇଥିଲା ଯେ— "ମୁଁ ପାର୍ବଣ ଶ୍ରାଦ୍ଧ କରିବାକୁ ଚାହୁଁଛି । ତା' ପାଇଁ ଛେଳିଟିଏ ବି ଯୋଗାଡ଼ କରି ରଖିଛି । ଆପଣ କୃପା କରି ପଦାର୍ପଣ କରି ବିଧିପୂର୍ବକ ଏ କାର୍ଯ୍ୟ ସମ୍ପନ୍ନ କରିଦିଅନ୍ତୁ ।" ଏ ପତ୍ର ପଢ଼ି ମହର୍ଷିଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏହାର କାରଣ ଅନୁସନ୍ଧାନରୁ ଜଣାଗଲା ଯେ ସତ୍ୟାର୍ଥପ୍ରକାଶ ପଢ଼ି ହିଁ ଠାକୁର ମୁକୁନ୍ଦ ସିଂହଙ୍କୁ ମାଂସ ପ୍ରଦାନ ପୂର୍ବକ ଶ୍ରାଦ୍ଧ କରିବାର ପ୍ରେରଣା ପ୍ରାପ୍ତ ହୋଇଥିଲା ।

କାଶୀରୁ ମହର୍ଷି ଏହି ପତ୍ରର ଲେଖିଥିବା ଉତ୍ତର ମହତ୍ତ୍ୱପୂର୍ଣ୍ଣ । ଋଷି ଲେଖିଲେ— "ସତ୍ୟାର୍ଥପ୍ରକାଶର ଏହି ସଂସ୍କରଣ ରାଜା ଜୟକୃଷ୍ଣଦାସଙ୍କ ଦ୍ୱାରା ମୁଦ୍ରିତ ହୋଇଛି । ଏଥିରେ ବହୁତ ଅଶୁଦ୍ଧି ରହିଯାଇଛି । ଅନେକ ସ୍ଥଳରେ ବେଦବିରୁଦ୍ଧ ଲେଖା ଛପା ହୋଇଯାଇଛି । ଏଣୁ ମୃତକ-ଶ୍ରାଦ୍ଧ ଓ ଶ୍ରାଦ୍ଧରେ ମାଂସର ବିଧାନ ଆଦି ବିଷୟକ ଯାହା ଛପିଯାଇଛି ସେସବୁ ମଧ୍ୟ ବେଦବିରୁଦ୍ଧ । ଶକାବ୍ଦ ୧୭୯୬ (୧୮୭୬ ବିକ୍ରମାବ୍ଦ)ରେ ମୁଁ ଯେଉଁ 'ପଞ୍ଚମହାଯଜ୍ଞବିଧି' ଆର୍ଯ୍ୟପ୍ରକାଶ ଯନ୍ତ୍ରାଳୟ, ମୁମ୍ବାଇରୁ ପ୍ରକାଶିତ କରାଇଥିଲି, ଯାହାକି ଜୟକୃଷ୍ଣଦାସଙ୍କ ପ୍ରକାଶିତ ସତ୍ୟାର୍ଥପ୍ରକାଶର ଏକ ବର୍ଷ ପୂର୍ବରୁ ମୁଦ୍ରିତ ହୋଇଥିଲା, ସେଥିରେ ମୁଁ ଯେତେବେଳେ ମୃତକ ଶ୍ରାଦ୍ଧ ଆଦିର ଖଣ୍ଡନ କରିଛି, ସେ ସ୍ଥିତିରେ ସତ୍ୟାର୍ଥପ୍ରକାଶରେ ଏହାର ମଣ୍ଡନ କରିବା କେମିତି ସମ୍ଭବ ? ଅତଃ ଶ୍ରାଦ୍ଧ ବିଷୟରେ ଯେଉଁ ମୃତକ-ଶ୍ରାଦ୍ଧ ଓ ମାଂସ-ବିଧାନର ବର୍ଣ୍ଣନା ଅଛି ବେଦବିରୁଦ୍ଧ ହୋଇଥିବାରୁ ତାହା ତ୍ୟାଜ୍ୟ । ଅତଏବ ଏହି ବେଦବିରୁଦ୍ଧ କାର୍ଯ୍ୟକୁ ଆପଣ କଦାପି କରନ୍ତୁ ନାହିଁ ।" (ଭଗବଦ୍ଦତ୍ତ ସମ୍ପାଦିତ 'ଋଷି ଦୟାନନ୍ଦ ସରସ୍ୱତୀଙ୍କ ପତ୍ର ଓ ବିଜ୍ଞାପନ, ଭାଗ-୧, ପୃ-୩୨୬)

ଏହିପରି ଭାବେ ମହର୍ଷିଙ୍କୁ ସତ୍ୟାର୍ଥପ୍ରକାଶର ପ୍ରଥମ ସଂସ୍କରଣରେ ହିଁ ସ୍ୱ ଅଭିପ୍ରାୟ-ବିରୁଦ୍ଧ ପ୍ରକ୍ଷେପ କରାଯାଇଥିବାର ତିକ୍ତ ଅନୁଭବ ହୋଇଯାଇଥିଲା । ଏକଥାର ବି ଆଭାସ ହୋଇଯାଇଥିଲା ଯେ ସମାଜ-ସୁଧାରର ପ୍ରତ୍ୟେକ ପଦକ୍ଷେପରେ କେତେ ପ୍ରକାର ବାଧା-ବିଘ୍ନ ଆସେ । ଏହିଭଳି ଭାବେ ସତ୍ୟାର୍ଥପ୍ରକାଶ (ପ୍ରଥମ ସଂସ୍କରଣ ୧୮୭୫)ର ରଚନାର ପ୍ରେରକ ରାଜା ଜୟକୃଷ୍ଣଦାସ ହୋଇଥିଲେ ଏବଂ ଏଥିରେ ଅପମିଶ୍ରଣର ପାପଭାଗୀ ମଧ୍ୟ ସେ ହୋଇଥିଲେ । ଏଭଳି ରୂଢ଼ିବାଦୀ ପୌରାଣିକ ବାତାବରଣରେ ଓ ବିରୋଧୀ ବିଚାରଧାରାର ଲୋକଙ୍କ ସାଥିରେ ମହର୍ଷିଙ୍କୁ କାମ କରିବାକୁ ପଡ଼ିଥିଲା । ସ୍ୱ ବିଚାର ବିରୁଦ୍ଧ ଏଭଳି କଥାଗୁଡ଼ିକର ପ୍ରଥମ ସଂସ୍କରଣରେ ଅପମିଶ୍ରଣ କରିଦିଆଯାଇଥିବାରୁ ମହର୍ଷି ବିଜ୍ଞାପନ ଆଦି ଦ୍ୱାରା ନିଜସ୍ୱ ବିଚାର ସର୍ବ ସମକ୍ଷରେ ସ୍ପଷ୍ଟ କଲେ ଏବଂ ସତ୍ୟାର୍ଥପ୍ରକାଶକୁ ଶୁଦ୍ଧ କରି ପୁନଃ ଛାପିବାକୁ ମନସ୍ଥ କଲେ ।

## ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂସ୍କରଣ ବା ସଂଶୋଧିତ ସତ୍ୟାର୍ଥପ୍ରକାଶ

ସତ୍ୟାର୍ଥପ୍ରକାଶ (ପ୍ରଥମ ସଂସ୍କରଣ) ଅଳ୍ପ ସମୟ ମଧ୍ୟରେ ହିଁ ସର୍ବାଧିକ ଚର୍ଚ୍ଚିତ ପୁସ୍ତକ ହୋଇଗଲା । ଶ୍ରଦ୍ଧାଳୁଙ୍କ ପାଇଁ ଏହା ଅମୃତ-ବର୍ଷା ଥିଲା ତ ବିପକ୍ଷୀଙ୍କ ପାଇଁ ବଜ୍ରପାତ । ସବୁ ବର୍ଗରୁ ନିଜ-ନିଜ ଦୃଷ୍ଟିକୋଣ ଆଧାରରେ ପ୍ରତିକ୍ରିୟା ଆସିଲା । ଲିପିକାର ଆଦିଙ୍କ ଦ୍ୱାରା ଅପମିଶ୍ରିତ ଅଂଶକୁ ବିରୋଧୀମାନେ ଯୋଜନାବଦ୍ଧ ରୂପେ ପ୍ରଚାର କଲେ । ୧୮୮୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ପ୍ରଥମ ସଂସ୍କରଣ ବିକ୍ରି ବି ହୋଇଗଲା । ଏହାକୁ ସଂଶୋଧନ କରି ପ୍ରକ୍ଷିପ୍ତାଂଶ ବାହାର କରିବା ଅତି ଆବଶ୍ୟକ ଥିଲା ତଥା ବହୁ ନବୀନ ସାମଗ୍ରୀ ମଧ୍ୟ ପରିବର୍ଦ୍ଧନ କରିବାର ଥିଲା । ଏଣୁ ଏହାର ପରିଷ୍କୃତ, ପରିବର୍ଦ୍ଧିତ ଓ ସଂଶୋଧିତ ଦ୍ୱିତୀୟ ସଂସ୍କରଣ ରଚନା କରିବାକୁ ଋଷି ମନସ୍ଥ କଲେ । କିନ୍ତୁ ଋଷିବର ବେଦଭାଷ୍ୟାଦି କାର୍ଯ୍ୟରେ ବହୁତ ବ୍ୟସ୍ତ ଥିଲେ । ଏଣୁ ସତ୍ୟାର୍ଥପ୍ରକାଶର ସଂଶୋଧିତ ସଂସ୍କରଣ ପ୍ରସ୍ତୁତ କରିବାରେ ବିଳମ୍ବ ହେଲା ।

ଦ୍ୱିତୀୟ ସଂସ୍କରଣ ରଚନା ସମୟରେ ମହର୍ଷି ଦୟାନନ୍ଦ ପୂର୍ଣ୍ଣ ସାବଧାନତା ଅବଲମ୍ବନ କଲେ । ଏକ ସଙ୍ଗରେ ଅନେକ ଗ୍ରନ୍ଥ ପ୍ରଣୟନ ସାଙ୍ଗକୁ ସମାଜ-ସୁଧାରର ଅନ୍ୟ କାର୍ଯ୍ୟରେ ବ୍ୟସ୍ତତା କାରଣରୁ ସତ୍ୟାର୍ଥପ୍ରକାଶ ସ୍ୱହସ୍ତରେ ଲେଖିବା

ସମ୍ଭବପର ନଥିଲା । ଲେଖନ କାର୍ଯ୍ୟ ପାଇଁ ମହର୍ଷି ୨ ପ୍ରକାରର ବୈତନିକ କର୍ମଚାରୀ ରଖିଥିଲେ । ତନ୍ମଧ୍ୟରୁ ଗୋଟିଏ ବର୍ଗରେ 'ଲିପିକାର ବା ଲେଖକ' ଥିଲେ ଯିଏ କି ମହର୍ଷି କହୁଥିବା ବିଷୟକୁ ଲିପିବଦ୍ଧ କରୁଥିଲେ ଏବଂ ସେଥିରୁ ପ୍ରେସ୍‌କୁ ପଠାଯିବା ପାଇଁ 'ମୁଦ୍ରଣ ପ୍ରତି' ତିଆରି କରୁଥିଲେ । ଅନ୍ୟ ବର୍ଗର ବ୍ୟକ୍ତି 'ସଂଶୋଧନକର୍ତ୍ତା' ଥିଲେ ଯିଏ କି ଲିଖିତ ବିଷୟକୁ ଭାଷା ଓ ବନାନ ଦୃଷ୍ଟିରୁ ସଂଶୋଧନ କରୁଥିଲେ । ଏ ଲୋକମାନେ ପରିବର୍ତ୍ତିତ ବି ହେଉଥିଲେ । ଏ କର୍ମଚାରୀମାନଙ୍କ ମଧ୍ୟରେ ଦିନେଶରାମ, ବଖ୍‌ତାବର ସିଂହ, ଭୀମସେନ ତଥା ଜ୍ୱାଳାଦତ୍ତ ଥିଲେ । ମହର୍ଷି ସ୍ୱ ମୁଖାରବିନ୍ଦରୁ ଡାକି ସତ୍ୟାର୍ଥପ୍ରକାଶର ଦ୍ୱିତୀୟ ସଂସ୍କରଣର ଯେଉଁ ପାଣ୍ଡୁଲିପି ଲେଖାଇଥିଲେ ତାକୁ 'ମୂଳ ପାଣ୍ଡୁଲିପି' କୁହାଯାଉଛି । ତାହା ଅଜମେରସ୍ଥ ପରୋପକାରିଣୀ ସଭାର ପୁସ୍ତକାଳୟରେ ସୁରକ୍ଷିତ ଅଛି । ମହର୍ଷି ଏହି 'ମୂଳପ୍ରତି'କୁ ଡାକି ଲେଖାଇଥିଲେ ଏବଂ ଦୁଇ ଥର (ଥରେ ନୀଳ କାଳିରେ ଓ ଥରେ ଲାଲ କାଳିରେ) ସ୍ୱହସ୍ତରେ ସଂଶୋଧନ କରିଛନ୍ତି । ସଂଶୋଧନ ପରେ ପ୍ରକାଶନ ନିମିତ୍ତ ପ୍ରେସ୍‌କୁ ପଠାଇବା ପାଇଁ ମହର୍ଷି ଏହାର ଅନ୍ୟ ଏକ ହସ୍ତଲିଖିତ ନକଲ କରାଇଥିଲେ । ତାକୁ ଦ୍ୱିତୀୟ ହସ୍ତଲେଖ ବା 'ପ୍ରେସ୍‌ପ୍ରତି' କୁହାଯାଉଛି ।

ସତ୍ୟାର୍ଥପ୍ରକାଶ (ଦ୍ୱିତୀୟ ସଂସ୍କରଣ)ର ଭୂମିକାର ଶେଷରେ ସ୍ଥାନ ଓ କାଳ ବିଷୟରେ କ୍ରମଶଃ 'ସ୍ଥାନ-ମହାରାଣାଙ୍କ ଉଦୟପୁର', 'ଭାଦ୍ରପଦ ଶୁକ୍ଳପକ୍ଷ, ସମ୍ବତ୍ ୧୯୩୯' ଅଙ୍କିତ ଅଛି । ଅର୍ଥାତ୍ ୧୮୮୨ ଖ୍ରୀଷ୍ଟାବ୍ଦରେ ସତ୍ୟାର୍ଥପ୍ରକାଶର ଏହି ସଂସ୍କରଣ ପ୍ରସ୍ତୁତ ହୋଇଯାଇଥିଲା । ମହର୍ଷି ଦୟାନନ୍ଦ ୧୧ ଅଗଷ୍ଟ ୧୮୮୨ ରେ ଉଦୟପୁର ପହଞ୍ଚିଲେ ଏବଂ ମହାରାଣାଙ୍କ ଗୁଲାବ ବାଗ ସ୍ଥିତ ନବଲଖା ମହଲରେ ନିବାସ କଲେ । ସଂଶୋଧିତ ସତ୍ୟାର୍ଥପ୍ରକାଶ ମହର୍ଷି ଦୟାନନ୍ଦ ସ୍ୱ ସ୍ଥାପିତ ବୈଦିକ ଯନ୍ତ୍ରାଳୟ, ପ୍ରୟାଗରେ ମୁଦ୍ରଣ ନିମନ୍ତେ ମୁନ୍‌ସୀ ସମର୍ଥଦାନଙ୍କ ନିକଟକୁ ୨୯ ଅଗଷ୍ଟ, ୧୮୮୨ରେ ପଠାଇବା ଆରମ୍ଭ କଲେ । ଏ ବିଷୟ ଋଷିଙ୍କ ଏହି ତାରିଖରେ ସମର୍ଥଦାନଙ୍କ ନିକଟକୁ ଲିଖିତ ପତ୍ରରୁ ଜଣାଯାଏ— 'ଆଜି ସତ୍ୟାର୍ଥପ୍ରକାଶର ୫ ପୃଷ୍ଠା ଭୂମିକା ତଥା ପ୍ରଥମ ସମୁଲ୍ଲାସର ୩୨ ପୃଷ୍ଠା ପଠାଇଲି ।' ସ୍ୱାମୀଜୀ ସମୟ-ସମୟରେ ସଂଶୋଧନ କରି କିଛି-କିଛି ପୃଷ୍ଠା ପଠାଉଥାନ୍ତି । ୧୪ଟି ଯାକ ସମୁଲ୍ଲାସ ଓ ସ୍ୱମନ୍ତବ୍ୟାମନ୍ତବ୍ୟପ୍ରକାଶ ଋଷି ପ୍ରକାଶନ ପାଇଁ ପ୍ରସ୍ତୁତ କରିଦେଇଥିଲେ । ମୁଦ୍ରିତ ପ୍ରୁଫ୍ ବି ସଂଶୋଧନ କରୁଥାନ୍ତି । ଛପାକାର୍ଯ୍ୟ ୧୮୮୨ ଡିସେମ୍ବର ଆଡ଼କୁ ତ ଆରମ୍ଭ ହୋଇଗଲା । ସେପ୍ଟେମ୍ବର ୧୮୮୩ ସୁଦ୍ଧା ୧୧ଟି ସମୁଲ୍ଲାସ ଛପି ସାରିଥିଲା ଓ ଦ୍ୱାଦଶ ସମୁଲ୍ଲାସ ସମ୍ଭବତଃ ଛପା ଚାଲିଥିଲା । ଇତିମଧ୍ୟରେ ୨୯ ସେପ୍ଟେମ୍ବର ୧୮୮୩ରେ ଋଷିଙ୍କୁ ବିଷ ଦିଆଯିବା କାରଣରୁ ସେ ପରବର୍ତ୍ତୀ ସମୁଲ୍ଲାସର ପ୍ରୁଫ୍ ସଂଶୋଧନ କରିପାରିଲେ ନାହିଁ । ୩୦ ଅକ୍ଟୋବର ୧୮୮୩ରେ ମହର୍ଷିଙ୍କ ମହାପ୍ରୟାଣ ହୋଇଗଲା । ତା' ପରେ ବହୁ ଦିନ ଧରି ବୈଦିକ ଯନ୍ତ୍ରାଳୟ ବନ୍ଦ ରହିଲା । ମୁଦ୍ରଣାଳୟ ପୁନଃ ଚାଲୁ ହେବା ପରେ ଡିସେମ୍ବର ୧୮୮୪ରେ ସତ୍ୟାର୍ଥପ୍ରକାଶର ପ୍ରକାଶନ କାମ ସମ୍ପୂର୍ଣ୍ଣ ହେଲା ।

ସତ୍ୟାର୍ଥପ୍ରକାଶ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଜୈମିନି ପର୍ଯ୍ୟନ୍ତ ଋଷିଙ୍କ ସାରଭୂତ ବିଚାରର ଏକ ସଂଗ୍ରହ କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜିର ଯୁଗରେ ସମସ୍ତ ପ୍ରାଚୀନ ଆର୍ଷ ବାଙ୍ମୟର ଏହାକୁ ଏକ ପରିପୂରକ ଗ୍ରନ୍ଥ ବୋଲି ବି କୁହାଯାଇପାରେ । ଗ୍ରନ୍ଥକାର ଋଷିଙ୍କ ଅଧ୍ୟୟନ ବହୁତ ବିଶାଳ ଓ ଗହନ, ଏକଥା ଏଥିରେ ଉଦ୍ଧୃତ ହୋଇଥିବା ଏତେ ସଂଖ୍ୟକ ଗ୍ରନ୍ଥଗୁଡ଼ିକର ପ୍ରମାଣରୁ ଅନୁମେୟ । ଏତେ ଗ୍ରନ୍ଥର ପ୍ରମାଣ ଦେବା ପାଇଁ ଋଷିଙ୍କୁ କେତେ ଯେ ଗ୍ରନ୍ଥ ପଢ଼ିବାକୁ ପଡ଼ିଥିବ ଏହାର ଅନୁମାନ କରିପାରିବା କଷ୍ଟକର । ଏଣୁ ସତ୍ୟାର୍ଥପ୍ରକାଶରେ ତାଙ୍କର ବ୍ୟାପକ ଅଧ୍ୟୟନ, ଅଖଣ୍ଡ ସ୍ମୃତି, ଶବ୍ଦାର୍ଥ ବୁଝିବାର କ୍ଷମତା, ନିଶ୍ଚିତ ଦୃଷ୍ଟି, ବିରୋଧର କୋଳାହଳ ମଧ୍ୟରେ ମଧ୍ୟ ନିଜ ବକ୍ତବ୍ୟ ଉପସ୍ଥାପନର ଅଦମ୍ୟ ସାହସ ତଥା ବିପରୀତ ପରିସ୍ଥିତି ଓ ପରିଣାମରୁ ଅଲଗା ରହିପାରିବାର ସିଦ୍ଧି ବିସ୍ମୟୋତ୍ପାଦକ । ସେ ଅନ୍ୟ ଗ୍ରନ୍ଥ ଅତିରିକ୍ତ

ରଗ୍‌ବେଦ, ଯଜୁର୍ବେଦ, ସାମବେଦ, ଅଥର୍ବବେଦ, ଉପନିଷଦ ଓ ମନୁସ୍ମୃତିର କ୍ରମଶଃ ୪୨, ୫୬, ୩, ୧୫, ୫୯ ଓ ୪୪୨ ଉଦ୍ଧରଣ ଦେଇଛନ୍ତି। ରାଜଧର୍ମ ସମ୍ବନ୍ଧୀୟ କେବଳ ଷଷ୍ଠ ସମୁଲ୍ଲାସରେ ମନୁସ୍ମୃତିର ୧୮୭ଟି ଶ୍ଲୋକର ପ୍ରମାଣ ଦେଇଛନ୍ତି। **ଉଦ୍ଧରଣ ବାହୁଲ୍ୟରୁ ସ୍ପଷ୍ଟ ଯେ ଋଷି ଦୟାନନ୍ଦଙ୍କର ନିଜସ୍ୱ କୌଣସି ନବୀନ ମତ ପ୍ରବର୍ତ୍ତନ କରିବାର ଲେଶମାତ୍ର ଅଭିପ୍ରାୟ ନଥିଲା।** ଏଣୁ ସତ୍ୟାର୍ଥପ୍ରକାଶର ମୁଖପୃଷ୍ଠ ଉପରେ ସେ ଲେଖିଲେ ଯେ ଏ ଗ୍ରନ୍ଥ **'ବେଦାଦିବିବିଧସଚ୍ଛାସ୍ତ୍ରପ୍ରମାଣୈଃ ସମନ୍ୱିତଃ'।** କୌଣସି ଋଷିଙ୍କ ଦ୍ୱାରା ହିନ୍ଦୀରେ ଲିଖିତ ଏହା ଏକମାତ୍ର ଆର୍ଷଗ୍ରନ୍ଥ।

## ସମୁଲ୍ଲାସ

ସତ୍ୟାର୍ଥପ୍ରକାଶକୁ ୧୪ଟି ବିଭାଗରେ ବିଭକ୍ତ କରାଯାଇଛି। ଏସବୁ ବିଭାଗର ନାମ ଅଧ୍ୟାୟ, ଖଣ୍ଡ, କାଣ୍ଡ, ଅନୁଚ୍ଛେଦ, ପାଦ ଆଦି କରାନଯାଇ ସମୁଲ୍ଲାସ ନାମ ଦିଆଯାଇଛି। ଏ ଶବ୍ଦର ଚୟନ ସ୍ୱତନ୍ତ୍ର ଓ ଅର୍ଥପୂର୍ଣ୍ଣ। ସମୁଲ୍ଲାସ = ସମ୍ + ଉଲ୍ଲାସ ଅର୍ଥାତ୍ ଯାହାକି ସମ୍ୟକ୍ ବା ସାମଗ୍ରିକ ରୂପେ ଉଲ୍ଲାସ-ପ୍ରସନ୍ନତା ଓ ଉନ୍ନତିର କାରଣ।

### ବିଷୟବସ୍ତୁ

ପ୍ରଥମ ସମୁଲ୍ଲାସରେ ଈଶ୍ୱରଙ୍କ ମୁଖ୍ୟ ନାମ **'ଓ୩ମ୍'** ତଥା ଅନ୍ୟ ନାମର ବ୍ୟାଖ୍ୟା ବିଦ୍ୟମାନ। ପରମେଶ୍ୱରଙ୍କର କେବଳ ଏତିକି ହିଁ ନାମ ନାହିଁ। ଈଶ୍ୱରଙ୍କ ଗୁଣ-କର୍ମ-ସ୍ୱଭାବ ଅସଂଖ୍ୟ। ତେଣୁ ତାଙ୍କ ନାମ ବି ଅସଂଖ୍ୟ। ସଂଜ୍ଞାବାଚକ ଅନେକ ଶବ୍ଦ ଯେ ଯୌଗିକ ରୀତିରେ ସେହି ଏକ ଈଶ୍ୱରଙ୍କ ନାମ – ଏହି ସମୁଲ୍ଲାସରେ ୭୪ଟି ଧାତୁରୁ ଶବ୍ଦାର୍ଥ ସିଦ୍ଧ କରି ଏହା ପ୍ରଦର୍ଶିତ କରାଯାଇଛି। ଏହି ସମୁଲ୍ଲାସ ବେଦରେ ଏକେଶ୍ୱରବାଦର ପୁଷ୍ଟି କରେ। ତା' ସହ ଈଶ୍ୱରଙ୍କ ନାମକୁ ନେଇ ବିଭିନ୍ନ ସଂପ୍ରଦାୟରେ ବିଭକ୍ତ ମାନବ-ସମାଜକୁ ଏକତାର ସୂତ୍ରରେ ବାନ୍ଧିବାର ଆଧାର ପ୍ରଦାନ କରେ।

ଦ୍ୱିତୀୟ ସମୁଲ୍ଲାସରେ ସନ୍ତାନର ଶିକ୍ଷା ତଥା ତା'ର ତିନୋଟି ଗୁରୁ(ମାତା, ପିତା ଓ ଆଚାର୍ଯ୍ୟ)ଙ୍କ ବିଷୟରେ ଲେଖାଯାଇଛି। ସନ୍ତାନଙ୍କୁ ଭୂତପ୍ରେତ, ଗ୍ରହଶାନ୍ତି, ଜାତକ, ଶୀତଳା ମନ୍ତ୍ର ଆଦି ପାଖଣ୍ଡ ବିଷୟରେ ସଚେତନ କରାଇବା ଅଭିଭାବକଙ୍କ ଦାୟିତ୍ୱ ବୋଲି ଦର୍ଶାଯାଇଛି। ତା' ସହ ବୀର୍ଯ୍ୟରକ୍ଷାର ଲାଭ ଓ ରୀତିର ବର୍ଣ୍ଣନା ଅଛି।

ତୃତୀୟ ସମୁଲ୍ଲାସରେ ପଠନ-ପାଠନ ବିଧି, ଉପନୟନ ସଂସ୍କାର, କନ୍ୟାଙ୍କ ଯଜ୍ଞୋପବୀତ, ନାରୀ ଓ ଶୂଦ୍ରଙ୍କ ବେଦପଠନାଧିକାର, ବ୍ରହ୍ମଚର୍ଯ୍ୟ, ସନ୍ଧ୍ୟା, ଅଗ୍ନିହୋତ୍ର, ପ୍ରାଣାୟାମ, ଯୋଗାଭ୍ୟାସ, ଷଡ଼ ଦର୍ଶନରେ ପାରସ୍ପରିକ ଅବିରୋଧ, ଅର୍ଥ ସହିତ ବେଦାଧ୍ୟୟନ, ଆର୍ଷଗ୍ରନ୍ଥର ମହତ୍ତ୍ୱ ଆଦି ମୁଖ୍ୟ ପ୍ରତିପାଦ୍ୟ ବିଷୟ। ଏହି ସମୁଲ୍ଲାସରେ ବୈଶେଷିକ ଦର୍ଶନର ୪୭ ଉଦ୍ଧରଣ ଦିଆଯାଇଛି।

ଚତୁର୍ଥ ସମୁଲ୍ଲାସରେ ବିବାହ, ଗୃହସ୍ଥାଶ୍ରମ, ନିୟୋଗ, ପୁନର୍ବିବାହ, ବର୍ଣ୍ଣ-ବ୍ୟବସ୍ଥା, ପଞ୍ଚମହାଯଜ୍ଞ ବିଧାନ ଆଦି ବିଷୟର ପ୍ରତିପାଦନ କରାଯାଇଛି।

ପଞ୍ଚମ ସମୁଲ୍ଲାସରେ ବାନପ୍ରସ୍ଥ ଓ ସନ୍ନ୍ୟାସ ବିଷୟରେ ଲେଖାଯାଇଛି।

ଷଷ୍ଠ ସମୁଲ୍ଲାସରେ ରାଜଧର୍ମ ବିଷୟ ବର୍ଣ୍ଣିତ ହୋଇଛି। ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବାର ବିଧାନ କରାଯାଇଛି। ରାଜପଦ ପୈତୃକ ନୁହେଁ; ବରଂ ରାଜା ନିର୍ବାଚିତ ସଭାପତି ଓ ଅଧ୍ୟକ୍ଷ ବୋଲି ଦର୍ଶାଯାଇଛି। ଜଣକ ହାତରେ ସବୁ କ୍ଷମତା କେନ୍ଦ୍ରୀଭୂତ ନ କରିବାର ପରାମର୍ଶ ଦିଆଯାଇଛି। ବିଦେଶୀ ମୂଳର ବ୍ୟକ୍ତିଙ୍କୁ କେବେ ମଧ୍ୟ ରାଷ୍ଟ୍ରର ପ୍ରମୁଖ ପଦାଧିକାରୀ କରାଯିବା ଅନୁଚିତ ବୋଲି ଦର୍ଶାଯାଇଛି। ଏହି ସମୁଲ୍ଲାସରେ କୃଷକକୁ ରାଜାଙ୍କର ବି ରାଜା ବୋଲି କୁହାଯାଇଛି, ଯେଉଁ ସମୟରେ କି କୃଷକକୁ ତୁଚ୍ଛ ବୋଲି ବିଚାର କରାଯାଉଥିଲା।

ସପ୍ତମ ସମୁଲ୍ଲାସର ବିଷୟ ହେଲା ଈଶ୍ୱର ଓ ବେଦ। ବେଦକୁ ପରମେଶ୍ୱରୋକ୍ତ ତଥା ସ୍ୱତଃପ୍ରମାଣ ବୋଲି ଦର୍ଶାଯାଇଛି। ଈଶ୍ୱରଙ୍କ ଅସ୍ତିତ୍ୱ, ସ୍ୱରୂପ, ସ୍ତୁତି-ପ୍ରାର୍ଥନା-ଉପାସନା, ଅବତାରବାଦ, ସଗୁଣ-ନିର୍ଗୁଣ ଆଦି ବିଷୟରେ ବିଶଦ ଚର୍ଚ୍ଚା କରାଯାଇଛି।

ସୃଷ୍ଟିର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟ ବିଷୟକ ଚର୍ଚ୍ଚା ଅଷ୍ଟମ ସମୁଲ୍ଲାସରେ ଅଛି। ପ୍ରସଙ୍ଗବଶତଃ ଦେଶର ଦଶାର ଚର୍ଚ୍ଚା କରି ଋଷି ଲେଖିଛନ୍ତି — **'କିଏ କେତେ କରୁ ନା କାହିଁକି, ତଥାପି ସ୍ୱଦେଶୀୟ ରାଜ୍ୟ ହିଁ ସର୍ବୋତ୍ତମ। ମତମତାନ୍ତର ପ୍ରତି ଆଗ୍ରହରହିତ, ଆପଣା-ପର ପକ୍ଷପାତଶୂନ୍ୟ, ପ୍ରଜାମାନଙ୍କ ଉପରେ ପିତା-ମାତା ସମ କୃପା, ନ୍ୟାୟ ଓ ଦୟା କରୁଥିବା ବିଦେଶୀ ଶାସନ ମଧ୍ୟ କଦାପି ପୂର୍ଣ୍ଣ ସୁଖଦାୟକ ନୁହେଁ।'** ଇଂରେଜ ଶାସନରେ ସେ ସମୟରେ ଏପରି ଲେଖିବା ଭୟଙ୍କର ଦୁଃଖକୁ ଆମନ୍ତ୍ରଣ କରିବା ଥିଲା। ନିଃସନ୍ଦେହ ଭାରତୀୟ ସ୍ୱାଧୀନତାର ପ୍ରଥମ ମନ୍ତ୍ରଦାତା ଋଷି ଦୟାନନ୍ଦ ଥିଲେ।

ନବମ ସମୁଲ୍ଲାସର ପ୍ରତିପାଦ୍ୟ ବିଷୟ ହେଲା ବିଦ୍ୟା-ଅବିଦ୍ୟା, ବନ୍ଧ-ମୋକ୍ଷ। ଏଥିରେ ମୁକ୍ତିର ସାଧନ, ମୁକ୍ତିରୁ ପୁନରାବୃତ୍ତି, ମୁକ୍ତିର ଅବଧି ଆଦିର ବ୍ୟାଖ୍ୟାନ ଅନ୍ତର୍ଭୁକ୍ତ।

ଦଶମ ସମୁଲ୍ଲାସରେ ଆଚାର-ଅନାଚାର, ଭକ୍ଷ୍ୟ-ଅଭକ୍ଷ୍ୟ, ଗୋ-ଆଦି ପଶୁଙ୍କ ହତ୍ୟା ନିଷେଧ ଆଦି ବିଷୟରେ ଲେଖାଯାଇଛି।

ଋଷି ଦୟାନନ୍ଦ ପୂର୍ବାର୍ଦ୍ଧର ଏସବୁ ସମୁଲ୍ଲାସରେ ବିଶେଷ ଖଣ୍ଡନ-ମଣ୍ଡନ କରିନାହାନ୍ତି। କାରଣ ଯେତେବେଳ ଯାଏ ମନୁଷ୍ୟ ସତ୍ୟାସତ୍ୟର ବିଚାରର ବିଶେଷ ସାମର୍ଥ୍ୟ ଅର୍ଜନ କରିପାରିନି ସେ ପର୍ଯ୍ୟନ୍ତ ସ୍ଥୂଳ ଓ ସୂକ୍ଷ୍ମ ଖଣ୍ଡନର ବାସ୍ତବିକ ଅଭିପ୍ରାୟକୁ ବୁଝିପାରିବ ନାହିଁ। ଅତଃ ପ୍ରଥମରେ ସ୍ୱ ସଂସ୍କୃତି ବିଷୟକ ଯଥାର୍ଥ ଜ୍ଞାନ ଦ୍ୱାରା ସତ୍ୟ ପରୀକ୍ଷାର ଯୋଗ୍ୟତା ହାସଲ କରାଇ ଅନ୍ତିମ ୪ ସମୁଲ୍ଲାସରେ ସେ ବିଭିନ୍ନ ଦେଶୀ-ବିଦେଶୀ ମତମତାନ୍ତରର ଖଣ୍ଡନ-ମଣ୍ଡନ କରିଛନ୍ତି।

ଏକାଦଶ ସମୁଲ୍ଲାସରେ ବାମମାର୍ଗ, ଶାଙ୍କରମତ (ଅଦ୍ୱୈତବାଦ), ଶୈବମତ, ବୈଷ୍ଣବମତ, ମାଧ୍ୱମତ, କବୀରପନ୍ଥ, ଦାଦୁପନ୍ଥ, ନାନକପନ୍ଥ, ରାମସ୍ନେହୀ ମତ, ଗୋକୁଳ ଗୋସାଇଁଙ୍କ ମତ, ସ୍ୱାମୀନାରାୟଣ ମତ, ଚୋଲୀମାର୍ଗ, ବୀଜମାର୍ଗ, ଲିଙ୍ଗାଙ୍କିତ ମତ, ବ୍ରାହ୍ମସମାଜ ଓ ପ୍ରାର୍ଥନାସମାଜ ଆଦିର ସମୀକ୍ଷା କରାଯାଇଛି। ପୁରାଣ ଓ ମୂର୍ତ୍ତିପୂଜାର ବିଶେଷ ସମୀକ୍ଷା ଅଛି। ପ୍ରାଚୀନ ଭାରତୀୟ ଇତିହାସ ଉପରେ ଆଲୋକପାତ କରାଯାଇଛି। ମହର୍ଷି ଦୟାନନ୍ଦ ଯୋଗେଶ୍ୱର କୃଷ୍ଣଙ୍କୁ ଆପ୍ତପୁରୁଷ ବୋଲି କହିଛନ୍ତି। ଋଷି ଦୟାନନ୍ଦ ପୁରାଣକୁ ବ୍ୟାସଙ୍କ ରଚନା ନୁହେଁ ବୋଲି ପ୍ରତିପାଦନ କରିଛନ୍ତି। ଋଷିଙ୍କର ମତ ହେଲା - ' ଯଦି ଅଷ୍ଟାଦଶ ପୁରାଣ ବ୍ୟାସକୃତ ହୋଇଥାନ୍ତା, ତେବେ ଏସବୁରେ ଏଭଳି ଗାଲୁ-ଗପ ପରିପୂର୍ଣ୍ଣ ହୋଇନଥାନ୍ତା।'

ଦ୍ୱାଦଶ ସମୁଲ୍ଲାସରେ ଚାର୍ବାକ, ବୌଦ୍ଧ ଓ ଜୈନ ମତର ସମୀକ୍ଷା ଅଛି। ସେ ସମୟରେ ଜୈନଗ୍ରନ୍ଥାଦି ପ୍ରାପ୍ତ କରିବା ଦୁରୁହ ଥିଲା। ସେସବୁ ଗ୍ରନ୍ଥ ପ୍ରାପ୍ତି ପାଇଁ ଋଷି ଦୟାନନ୍ଦଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା। ତ୍ରୟୋଦଶ ଓ ଚତୁର୍ଦ୍ଦଶ ସମୁଲ୍ଲାସରେ ବାଇବେଲ୍ ଓ କୋରାନ୍‌ର ସମୀକ୍ଷା କରାଯାଇଛି। ଏସବୁ ଖଣ୍ଡନ-ମଣ୍ଡନ ପଛରେ ସେହି ଦୂରଦର୍ଶୀ ତତ୍ତ୍ୱବେତ୍ତା ଋଷି ଦୟାନନ୍ଦଙ୍କର ଉଦ୍ଦେଶ୍ୟ କେବଳ ସତ୍ୟ-ଅସତ୍ୟର ନିର୍ଣ୍ଣୟ ଥିଲା। ସତ୍ୟାର୍ଥପ୍ରକାଶର ଅନୁଭୂମିକାରେ ଋଷି ବାରମ୍ବାର ଏହା ଦୋହରାଇଛନ୍ତି। ଅତଃ ସତ୍ୟାର୍ଥପ୍ରକାଶ ରଚନା ପଶ୍ଚାତ୍‌ରେ ମହର୍ଷିଙ୍କ ମୌଳିକ ଉଦ୍ଦେଶ୍ୟ ଥିଲା ଧାର୍ମିକ ବିଷୟ ଉପରେ ବିନା ପୂର୍ବାଗ୍ରହରେ ପାରସ୍ପରିକ ବିଚାର-ବିମର୍ଶ।

## ଉପସଂହାର

ମହର୍ଷି ଦୟାନନ୍ଦ ସତ୍ୟାର୍ଥପ୍ରକାଶର ଆରମ୍ଭରେ — **'ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି ଋତଂ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି'** (ତୈ.ଆ. ୭:୧) ଲେଖିଛନ୍ତି। ଗ୍ରନ୍ଥ ରଚନା ସମୟରେ ଏହି ବଚନ-ପ୍ରତିବଦ୍ଧତାକୁ ଧ୍ୟାନରେ ରଖାଯାଇଛି ଏବଂ ଗ୍ରନ୍ଥର ପରିସମାପ୍ତିରେ ଋଷି ଘୋଷଣା କରନ୍ତି — **'ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମାବାଦିଷମ୍। ଋତମବାଦିଷମ୍। ସତ୍ୟମବାଦିଷମ୍।'** (ତୈ.ଆ. ୭:୧୨)— ମୁଁ ଋତ କହିଲି, ସତ୍ୟ କହିଲି। ଗ୍ରନ୍ଥର ସମାପ୍ତିରେ ନିଜକୁ କେବଳ ସ୍ୱାମୀ ବିରଜାନନ୍ଦଙ୍କ ଶିଷ୍ୟ ବୋଲି କହିନାହାନ୍ତି, ଅପିତୁ ଯେଉଁ ଗୁରୁଙ୍କ କୃପାରୁ ତାଙ୍କୁ ଆର୍ଷ-ଅନାର୍ଷ ଜ୍ଞାନ ଚିହ୍ନିବାର ଜ୍ଞାନଚକ୍ଷୁ ପ୍ରାପ୍ତ ହେଲା ସେହି ସ୍ୱ-ଗୁରୁଙ୍କୁ ପରମହଂସ, ପରିବ୍ରାଜକାଚାର୍ଯ୍ୟ ତଥା ପରମ-ବିଦ୍ୱାନ୍ ଲେଖି ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧା ଅଭିବ୍ୟକ୍ତ କରିଛନ୍ତି।

## ସତ୍ୟାର୍ଥପ୍ରକାଶର ପ୍ରକାଶନ

ସତ୍ୟାର୍ଥପ୍ରକାଶ (ଦ୍ୱିତୀୟ ସଂସ୍କରଣ) ୧୮୮୪ରେ ପ୍ରକାଶିତ ହୋଇ ପରୋପକାରିଣୀ ସଭା ନାମରେ ପଞ୍ଜିକୃତ ହେଲା। ତେଣୁ ପ୍ରଥମେ କେବଳ ପରୋପକାରିଣୀ ସଭା ଦ୍ୱାରା ହିଁ ଏହା ପ୍ରକାଶିତ ହେଉଥିଲା। ପରବର୍ତ୍ତୀ କାଳରେ ଗୋବିନ୍ଦରାମ ହାସାନନ୍ଦ, ଦିଲ୍ଲୀ; ଆର୍ଯ୍ୟ ସାହିତ୍ୟ ମଣ୍ଡଳ, ଅଜମେର; ଆର୍ଷ ସାହିତ୍ୟ ପ୍ରଚାର ଟ୍ରଷ୍ଟ, ଦିଲ୍ଲୀ; ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା, ଦିଲ୍ଲୀ; ବିରଜାନନ୍ଦ ବୈଦିକ ସଂସ୍ଥାନ, ଗାଜିୟାବାଦ; ହରିଆଣା ସାହିତ୍ୟ ସଂସ୍ଥାନ, ଝଜ୍ଜର ; ରାମଲାଲ କପୂର ଟ୍ରଷ୍ଟ; ଦୟାନନ୍ଦ ସଂସ୍ଥାନ, ଦିଲ୍ଲୀ; ଜନଜ୍ଞାନ ପ୍ରକାଶନ, ଦିଲ୍ଲୀ; ଦୟାନନ୍ଦ ସଂସ୍ଥାନ, ଦିଲ୍ଲୀ; ଆର୍ଯ୍ୟ ପ୍ରକାଶନ, ଦିଲ୍ଲୀ; ମଧୁର ପ୍ରକାଶନ, ଦିଲ୍ଲୀ; ସତ୍ୟାର୍ଥପ୍ରକାଶ ନ୍ୟାସ, ଉଦୟପୁର; ସତ୍ୟଧର୍ମ ପ୍ରକାଶନ, ହରିଆଣା ଆଦି ଆର୍ଯ୍ୟଜଗତ ସହ ସମ୍ବନ୍ଧିତ ସଂସ୍ଥା ସାଙ୍ଗକୁ ଏହାର ଲୋକପ୍ରିୟତା କାରଣରୁ ଆର୍ଯ୍ୟଜଗତ ସହ ସମ୍ବନ୍ଧିତ ନଥିବା ଅନେକ ପୁସ୍ତକ ପ୍ରକାଶକ ମଧ୍ୟ ଏହାକୁ ପ୍ରକାଶିତ କଲେ। ବୈଦିକ ସତ୍ୟଜ୍ଞାନର ପ୍ରସାର ପାଇଁ ଆକାଂକ୍ଷୀ ବହୁ ବ୍ୟକ୍ତି ମଧ୍ୟ ନିଜ ପ୍ରିୟଜନଙ୍କ ସ୍ମୃତିରେ ହଜାର-ହଜାର ସଂଖ୍ୟାରେ ଏହାକୁ ଛାପି ବିତରଣ କରିଛନ୍ତି।

## ପଦ୍ୟରେ ସତ୍ୟାର୍ଥପ୍ରକାଶ

୧୯୪୩ରେ ସିନ୍ଧ ପ୍ରଦେଶରେ ଗଠିତ ମୁସଲିମ୍ ଲିଗ୍ ସରକାର ଯେତେବେଳେ ସତ୍ୟାର୍ଥପ୍ରକାଶର ଚତୁର୍ଦ୍ଦଶ ସମୁଲ୍ଲାସ ଉପରେ ନିଷେଧାଦେଶ ଜାରି କଲେ, ସେତେବେଳେ ଏହି ନିଷେଧାଜ୍ଞା ବିରୁଦ୍ଧରେ ଚତୁର୍ଦ୍ଦିଗରୁ ଦୃଢ଼ ସ୍ୱରୋତ୍ତୋଳିତ ହେଲା, ସ୍ଥାନେ-ସ୍ଥାନେ ସଭା-ସମ୍ମିଳନୀ ହେଲା, ଆନ୍ଦୋଳନ କରାଗଲା। ସିନ୍ଧ ପ୍ରଦେଶର ଗାଁ-ଗାଁରେ ସତ୍ୟାର୍ଥପ୍ରକାଶର ପ୍ରଚାର କରାଗଲା। ଆବାଳବୃଦ୍ଧବନିତା ଏହାକୁ କଣ୍ଠସ୍ଥ କରିନିଅନ୍ତୁ - ଏହି ଭାବନାରେ ପ୍ରେରିତ ହୋଇ ଗଦ୍ୟରେ କଣ୍ଠସ୍ଥ କରିବା ଯେହେତୁ ସ୍ୱାଭାବିକ ରୂପେ କଷ୍ଟକର, ଏଣୁ ଆର୍ଯ୍ୟ ମହାକବି ପଣ୍ଡିତ ଜୟଗୋପାଳ ଶାସ୍ତ୍ରୀ ସତ୍ୟାର୍ଥପ୍ରକାଶକୁ ପଦ୍ୟରେ ରଚନା କଲେ। ବିକ୍ରମାବ୍ଦ ୨୦୦୩ (୧୯୪୬ ଖ୍ରୀ)ରେ ପଣ୍ଡିତ ରାମଗୋପାଳ ଶାସ୍ତ୍ରୀଙ୍କ ସମ୍ପାଦନାରେ ୩ ସମୁଲ୍ଲାସ ପର୍ଯ୍ୟନ୍ତ ଏହା ପ୍ରକାଶିତ ହେଲା। ଏହାର ଦ୍ୱିତୀୟ ସଂସ୍କରଣ ସତ୍ୟାର୍ଥପ୍ରକାଶ ନ୍ୟାସ, ଉଦୟପୁର ଦ୍ୱାରା ୧୯୯୯ ଖ୍ରୀ. ରେ ପ୍ରକାଶିତ ହେଲା।

## ପ୍ରାଦେଶିକ ଭାଷାରେ ଅନୁବାଦ

କେବଳ ହିନ୍ଦୀ ନୁହେଁ ସମସ୍ତ ପ୍ରମୁଖ ଭାରତୀୟ ଭାଷା ଏବଂ ଅନେକ ବିଦେଶୀ ଭାଷାରେ ଏହାର ଅନୁବାଦ ହୋଇସାରିଛି । ସତ୍ୟାର୍ଥପ୍ରକାଶ ଉପଲବ୍ଧ ହେଉଥିବା ଭାରତୀୟ ଭାଷାଗୁଡ଼ିକ ହେଲା — ୧. ହିନ୍ଦୀ, ୨. ସଂସ୍କୃତ, ୩. ପଞ୍ଜାବୀ, ୪. ସିନ୍ଧୀ, ୫. ଗୁଜରାଟୀ, ୬. ମରାଠୀ, ୭. ଓଡ଼ିଆ, ୮. ବଙ୍ଗାଳୀ, ୯. ତାମିଲ, ୧୦. ତେଲୁଗୁ, ୧୧. କନ୍ନଡ଼, ୧୨. ମଲାୟାଲମ୍, ୧୩. ଅସମିୟା, ୧୪. ଉର୍ଦ୍ଦୁ, ୧୫. ନେପାଳୀ । ଖ୍ରୀଷ୍ଟାବ୍ଦ ୧୮୯୯ରେ ଅମୃତସରରୁ ପଣ୍ଡିତ ଆତ୍ମାରାମ ଅମୃତସରୀ କୃତ ପଞ୍ଜାବୀ ଅନୁବାଦ (ଗୁରୁମୁଖୀ ଲିପିରେ) ପ୍ରକାଶିତ ହେଲା । ୧୮୯୮ରେ ପଞ୍ଜାବ ଆର୍ଯ୍ୟ ପ୍ରତିନିଧି ସଭା, ଲାହୋର ଦ୍ୱାରା ପଣ୍ଡିତ ରୈମଲଦାସ ଓ ଆତ୍ମାରାମ ଅମୃତସରୀ କୃତ ଉର୍ଦ୍ଦୁ ଅନୁବାଦ ପ୍ରକାଶିତ ହେଲା । ୧୮୯୯ରେ ଜୀବନଦାସ ପେନ୍‌ସନ୍‌ର୍ ଅନୂଦିତ ଉର୍ଦ୍ଦୁ ଅନୁବାଦ (ଏକାଦଶ ସମୁଲ୍ଲାସ ପର୍ଯ୍ୟନ୍ତ) ଲାହୋରରୁ ପ୍ରକାଶିତ ହେଲା । ୧୯୩୯ରେ ପଣ୍ଡିତ ଚମୁପତି କୃତ ଉର୍ଦ୍ଦୁ ଅନୁବାଦ 'ଅନ୍‌ବାରେ ହକୀକତ୍' ନାମରେ ପ୍ରକାଶିତ ହେଲା । ୧୯୦୫ରେ ମେହେତା ରାଧାକୃଷ୍ଣଙ୍କ ଅନୂଦିତ ଉର୍ଦ୍ଦୁ ଅନୁବାଦ ଲାହୋରର ସର୍ବହିତକାରୀ ପ୍ରେସ୍‌ରୁ ପ୍ରକାଶିତ ହେଲା । ୧୯୦୧ରେ ବୈଦିକ ଯନ୍ତ୍ରାଳୟ, ଅଜମେର ଦ୍ୱାରା ମୋତିଲାଲ ଭଟ୍ଟାଚାର୍ଯ୍ୟ କୃତ ବଙ୍ଗାଳୀ ଅନୁବାଦ ପ୍ରକାଶିତ ହେଲା । ତା' ପରେ ୧୯୧୧ରେ ଶଙ୍କରନାଥ କୃତ ବଙ୍ଗାଳୀ ଅନୁବାଦ ବି ପ୍ରକାଶିତ ହେଲା । ୧୯୦୫ରେ ମଂଛାଶଙ୍କର ଜୟଶଙ୍କର ଦ୍ୱିବେଦୀ କୃତ ଗୁଜରାଟୀ ଅନୁବାଦ ମୁମ୍ବାଇରୁ ପ୍ରକାଶିତ ହେଲା । ପରବର୍ତ୍ତୀ ସମୟରେ ୧୯୨୬ରେ ପଣ୍ଡିତ ମୟାଶଙ୍କର ଶର୍ମା, ଦର୍ଶନାଚାର୍ଯ୍ୟ କୃତ ଓ ୧୯୯୪ରେ ବଡ଼ୋଦରାର ଦିଲ୍ଲୀପ ସିଂହ ବେଦାଲଙ୍କାର କୃତ ଗୁଜରାଟୀ ଅନୁବାଦ ବି ପ୍ରକାଶିତ ହେଲା । ୧୯୦୭ରେ ବମ୍ବେରୁ ଶ୍ରୀଦାସ ବିଦ୍ୟାର୍ଥୀ କୃତ ମରାଠୀ ଅନୁବାଦ ପ୍ରକାଶିତ ହେଲା । ଏହାର ସଂଶୋଧକ ଥିଲେ 'ମରୁତ୍‌ସଖା' ନାମକ ଉଡ଼ାଜାହାଜର ପ୍ରଥମ ଉଦ୍‌ଭାବକ ଶିବକର ବାପୁଜୀ ତଳପଦେ । ପରେ ୧୯୨୬ରେ ଶ୍ରୀପାଦ ଦାମୋଦର ସାତବଲେକର, ୧୯୩୨ରେ ସତ୍ୟବ୍ରତ ସ୍ନାତକ ଓ ୧୯୯୦ରେ ଶ୍ରୀପାଦ ଯୋଶୀ କୃତ ମରାଠୀ ଅନୁବାଦ ମଧ୍ୟ ପ୍ରକାଶିତ ହେଲା । ୧୯୧୨ରେ ଗୋବିନ୍ଦରାମ ହାସାନନ୍ଦ ଦ୍ୱାରା ଜୀବନଲାଲ ଆର୍ଯ୍ୟ କୃତ ସିନ୍ଧୀ ଭାଷାରେ ଅନୁବାଦ ପ୍ରକାଶିତ ହେଲା । ପରବର୍ତ୍ତୀ ସମୟରେ ସିନ୍ଧ ପ୍ରାନ୍ତୀୟ ଆର୍ଯ୍ୟ ପ୍ରତିନିଧି ସଭା, ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ତଥା ଅଜମେର ନିବାସୀ ହକିମ୍ ବୀରୁମଲ ଆର୍ଯ୍ୟ ମଧ୍ୟ ସିନ୍ଧୀ ଭାଷାରେ ଅନୁବାଦ ପ୍ରକାଶିତ କଲେ । ଦୟାନନ୍ଦ ଜନ୍ମଶତାବ୍ଦୀ ଅବସରରେ ୧୯୨୪ରେ ପଣ୍ଡିତ ଶଙ୍କରଦେବ ପାଠକ କୃତ ସଂସ୍କୃତ ଅନୁବାଦ ପ୍ରକାଶିତ ହେଲା । ଶ୍ରୀବସ୍ତ ପଣ୍ଡା ଓଡ଼ିଆ ଭାଷାରେ ଅନୁବାଦ କରି ୧୯୨୭ରେ ପୂର୍ବାର୍ଦ୍ଧ ଓ ୧୯୩୭ରେ ଉତ୍ତରାର୍ଦ୍ଧ ଶ୍ରୀବସ୍ତ ଗୋରକ୍ଷାଶ୍ରମ, ଡନରଡ଼ା ପକ୍ଷରୁ ପ୍ରକାଶିତ କଲେ । ୧୯୭୩ରେ ଉତ୍କଳ ସାହିତ୍ୟ ସଂସ୍ଥାନ, ଗୁରୁକୁଳ ଆଶ୍ରମ, ଆମସେନା ପକ୍ଷରୁ ପଣ୍ଡିତ ଲକ୍ଷ୍ମୀନାରାୟଣ ଶାସ୍ତ୍ରୀ କୃତ ଓଡ଼ିଆ ଅନୁବାଦ ପ୍ରକାଶିତ ହେଲା । ୧୯୮୦ରେ ଧର୍ମଗ୍ରନ୍ଥ ଷ୍ଟୋର, କଟକ ପକ୍ଷରୁ ପୁରୁଷୋତ୍ତମ କରଶର୍ମା କୃତ ଓଡ଼ିଆ ଅନୁବାଦ ପ୍ରକାଶିତ ହେଲା । ୧୯୨୩ରେ ଆର୍ଯ୍ୟସମାଜ ହାଇଦ୍ରାବାଦ ଓ ଆର୍ଯ୍ୟ ପ୍ରତିନିଧି ସଭା ହାଇଦ୍ରାବାଦ ପକ୍ଷରୁ ସଭାର ନିଜାମ ଷ୍ଟେଟ୍‌ର ଉପଦେଶକ ଆଦିପୁଡ଼ି ସୋମନାଥ ରାଓ କୃତ ତେଲୁଗୁ ଅନୁବାଦ ପ୍ରକାଶିତ ହେଲା । ପରବର୍ତ୍ତୀ ସମୟରେ ପଣ୍ଡିତ ଗୋପାଳ ରାଓ, ପଣ୍ଡିତ ରାଜରତ୍ନାଚାର୍ଯ୍ୟ ଏବଂ ପଣ୍ଡିତ ଗୋପଦେବ ଶାସ୍ତ୍ରୀ କୃତ ତେଲୁଗୁ ଅନୁବାଦ ମଧ୍ୟ ପ୍ରକାଶିତ ହେଲା । ୧୯୨୬ରେ ଆର୍ଯ୍ୟସମାଜ ମାଡ୍ରାସ ପକ୍ଷରୁ ମନବବଲ୍ ରାମସ୍ୱାମୀ ଜମ୍ବୁନାଥନ୍ କୃତ ତାମିଲ ଅନୁବାଦ ପ୍ରକାଶିତ ହେଲା । ପରେ ୧୯୩୫ରେ କାନୈୟା ଓ ୧୯୭୪ରେ ଶୁଦ୍ଧାନନ୍ଦ ଭାରତୀ କୃତ ତାମିଲ ଅନୁବାଦ ପ୍ରକାଶିତ ହେଲା । ୧୯୩୨ରେ ଭାସ୍କର ପନ୍ତ କୃତ କନ୍ନଡ଼ ଅନୁବାଦ ଆର୍ଯ୍ୟସମାଜ ବାଙ୍ଗାଲୋର ପକ୍ଷରୁ ପ୍ରକାଶିତ

ହେଲା । ୧୯୫୫ରେ ପଣ୍ଡିତ ସତ୍ୟପାଲ ସ୍ନାତକ ଓ ୧୯୭୪ରେ ପଣ୍ଡିତ ସୁଧାକର ଚତୁର୍ବେଦୀ କୃତ କନ୍ନଡ଼ ଅନୁବାଦ ମଧ୍ୟ ପ୍ରକାଶିତ ହେଲା । ୧୯୩୩ରେ ବ୍ରହ୍ମଚାରୀ ଲକ୍ଷ୍ମଣ କୃତ ମାଲାୟାଲାମ ଅନୁବାଦ ପ୍ରକାଶିତ ହେଲା । ୧୯୭୮ରେ ପଣ୍ଡିତ ନରେନ୍ଦ୍ର ଭୂଷଣ କୃତ ମାଲାୟାଲାମ ଅନୁବାଦ ମଧ୍ୟ ପ୍ରକାଶିତ ହେଲା । ୧୯୩୧, ୧୯୩୬ ଓ ୧୯୬୩ରେ ଆର୍ଯ୍ୟସମାଜ ଦାର୍ଜିଲିଂ ଦ୍ୱାରା ଦିଲୁସିଂ ରାଇ କୃତ ନେପାଳୀ ଅନୁବାଦ ପ୍ରକାଶିତ ହେଲା । ୧୯୭୫ରେ ଆର୍ଯ୍ୟସମାଜ ଗୌହାଟୀ ପକ୍ଷରୁ ପଣ୍ଡିତ ପରମେଶ୍ୱର କୋତୀ କୃତ ଅସମିୟା ଅନୁବାଦ ପ୍ରକାଶିତ ହେଲା ।

## ବିଦେଶୀ ଭାଷାରେ ଅନୁବାଦ

ସତ୍ୟାର୍ଥପ୍ରକାଶ ଅନୂଦିତ ହୋଇଥିବା ବିଦେଶୀ ଭାଷାଗୁଡ଼ିକ ହେଲା — ୧. ଇଂରାଜୀ, ୨. ଜର୍ମାନ, ୩. ଫ୍ରେଞ୍ଚ, ୪. ଚୀନୀ, ୫. ବର୍ମି, ୬. ସ୍ୱାହିଲୀ, ୭. ଡଚ୍, ୮. ଥାଇ । ୧୯୦୬ରେ ଡାକ୍ତର ଚିରଞ୍ଜୀବ ଭାରଦ୍ୱାଜ କୃତ ଇଂରାଜୀ ଅନୁବାଦ ଲାହୋରରୁ ପ୍ରକାଶିତ ହେଲା । ତଦନନ୍ତର ୧୯୦୮ରେ ମାଷ୍ଟର ଦୁର୍ଗାଦାସ କୃତ ଇଂରାଜୀ ଅନୁବାଦ ଲାହୋରରୁ ପ୍ରକାଶିତ ହେଲା । ଆର୍ଯ୍ୟଜଗତର ଇଂରାଜୀ ଭାଷାରେ ଲେଖକଙ୍କ ମଧ୍ୟରେ ଶୀର୍ଷସ୍ଥ ବିଦ୍ୱାନ୍ ପଣ୍ଡିତ ଗଙ୍ଗାପ୍ରସାଦ ଉପାଧ୍ୟାୟ କୃତ ଇଂରାଜୀ ଅନୁବାଦ ୧୯୪୬ରେ ତାଙ୍କ ନିଜସ୍ୱ ପ୍ରକାଶନ ସଂସ୍ଥା ଆଲାହାବାଦ୍‌ର କଳା ପ୍ରେସ୍‌ରୁ ପ୍ରକାଶିତ ହେଲା । ଏହାକୁ ଇଂରାଜୀ ଭାଷାରେ ସତ୍ୟାର୍ଥ ପ୍ରକାଶର ସର୍ବଶ୍ରେଷ୍ଠ ଅନୁବାଦ କୁହାଯାଇପାରେ । ୧୯୮୮ରେ ବନ୍ଦେମାତରମ୍ ରାମଚନ୍ଦ୍ର ରାଓ କୃତ ଇଂରାଜୀ ଅନୁବାଦ ପ୍ରକାଶିତ ହେଲା । ୧୯୩୦ରେ ଆର୍ଯ୍ୟ ପ୍ରତିନିଧି ସଭା ପଞ୍ଜାବ ପକ୍ଷରୁ ଡଃ. ଦୌଲତରାମ ଦେବଗ୍ରାମ କୃତ ଜର୍ମାନ୍ ଅନୁବାଦ ପ୍ରକାଶିତ ହେଲା । ୧୯୪୦ରେ ବେଲଜିୟମ୍‌ରୁ ତଥା ୧୯୭୫ରେ ଆର୍ଯ୍ୟସଭା ମରିସସ୍ ପକ୍ଷରୁ ଲୁଇ ମୋରିନ୍ ନାମକ ମହିଳାଙ୍କ କୃତ ଫ୍ରେଞ୍ଚ ଅନୁବାଦ ପ୍ରକାଶିତ ହେଲା । ୧୯୫୮ରେ ହଂକଂରୁ ଡଃ. ଚାଉ କୃତ ଚୀନୀ ଭାଷାର ଅନୁବାଦ ପ୍ରକାଶିତ ହେଲା । ୧୯୫୯ରେ ଆର୍ଯ୍ୟସମାଜ ରେଙ୍ଗୁନ ପକ୍ଷରୁ ବୌଦ୍ଧ ଭିକ୍ଷୁ ଉ କିତ୍ତିମା କୃତ ବର୍ମି ଭାଷାର ଅନୁବାଦ ପ୍ରକାଶିତ ହେଲା । ପଣ୍ଡିତ କାଳୀଚରଣ ଶର୍ମା ଆରବୀ ଭାଷାରେ ସତ୍ୟାର୍ଥପ୍ରକାଶର କିଛି ଅଂଶ ଅନୁବାଦ କରିଥିଲେ । ଆଫ୍ରିକାର ସ୍ୱାହିଲୀ ଭାଷାରେ (ରୋମାନ୍ ଲିପିରେ) ମଧ୍ୟ ସତ୍ୟାର୍ଥପ୍ରକାଶର ଅନୁବାଦ ଦକ୍ଷିଣ ଆଫ୍ରିକାର ଆର୍ଯ୍ୟସମାଜ ପକ୍ଷରୁ ହୋଇଛି । ହଲାଣ୍ଡର ଡଚ୍ ଭାଷାରେ ମଧ୍ୟ ସତ୍ୟାର୍ଥପ୍ରକାଶର ଅନୁବାଦ ପ୍ରକାଶିତ ହୋଇଛି । ଏହାର ଅନୁବାଦକ ହେଲେ ପଂ.ଏସ୍. ବୀରେ । ସତ୍ୟାର୍ଥପ୍ରକାଶର ଥାଇ ଭାଷାର ଅନୁବାଦ ବ୍ୟାଙ୍କକ୍‌ରୁ ପ୍ରକାଶିତ ହୋଇଛି ।

## ବ୍ରେଲ ଲିପି

ଚକ୍ଷୁହୀନ ବ୍ୟକ୍ତିଙ୍କ ପାଇଁ ସତ୍ୟାର୍ଥପ୍ରକାଶ ବ୍ରେଲ ଲିପିରେ ସାର୍ବଦେଶିକ ଆର୍ଯ୍ୟ ପ୍ରତିନିଧି ସଭା ପକ୍ଷରୁ ମୁଦ୍ରିତ ହୋଇଛି । ଏହା ଅନେକ ଖଣ୍ଡରେ ବିଦ୍ୟମାନ ।

## ତାମ୍ରପତ୍ର

ହରିଆଣାର ଗୁରୁକୁଳ ଆଶ୍ରମ, ଝଜ୍ଜର, ରୋହତକର ସ୍ୱାମୀ ଓମାନନ୍ଦ ସରସ୍ୱତୀ ସତ୍ୟାର୍ଥପ୍ରକାଶକୁ ତାମ୍ରପତ୍ରରେ ଉତ୍କୀର୍ଣ୍ଣ କରି ଏହି ଗ୍ରନ୍ଥରତ୍ନକୁ ଚିରସ୍ଥାୟୀ କରିବାର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି ।

ବିବିଧ ଭାଷାରେ ବିଭିନ୍ନ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ଏହି ଗ୍ରନ୍ଥ ୨୦୦୬ ସୁଦ୍ଧା ୨୨ ଲକ୍ଷରୁ ବି ଅଧିକ ସଂଖ୍ୟାରେ ପ୍ରକାଶିତ ହୋଇସାରିଛି । ଆଉ ୧୧ ବର୍ଷରେ ହୋଇଥିବା ସଂଖ୍ୟାକୁ ଯୋଡ଼ିଲେ ଆହୁରି ଅଧିକ ହେବ । କାରଣ ଇତିମଧ୍ୟରେ

ସତ୍ୟାର୍ଥପ୍ରକାଶକୁ ପ୍ରତି ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚାଇବାର ଲକ୍ଷ୍ୟ ରଖି ଋଷିମିଶନ୍ ପ୍ରତି ସମର୍ପିତ ବିବିଧ ସଭା ଓ ସଂଗଠନ ପକ୍ଷରୁ ସୁଲଭ ମୂଲ୍ୟରେ ଏହା ଉପଲବ୍ଧ କରାଇବା ପାଇଁ ଅନେକ ଯୋଜନା କ୍ରିୟାନ୍ୱିତ ହେଉଛି।

## ଆକ୍ଷେପ ଓ ଉତ୍ତର

ସତ୍ୟାର୍ଥପ୍ରକାଶ ସେ ସମୟର ସର୍ବାଧିକ ଚର୍ଚ୍ଚିତ ପୁସ୍ତକ ଥିଲା। 'ସତ୍ୟାର୍ଥପ୍ରକାଶ'ର ପ୍ରକାଶରେ ସ୍ୱ-ସ୍ୱ ମତର ଦୋଷ-ତ୍ରୁଟି ଦୃଷ୍ଟିଗୋଚର ହେବାରୁ ସେସବୁର ସୁରକ୍ଷିତ ଆଚ୍ଛାଦନ ତଥା ସେସବୁକୁ ଯେନ-ତେନ ପ୍ରକାରେଣ ହେଉ ଯଥାର୍ଥ ବୋଲି ପ୍ରତିପାଦନ କରିବା ସେ ସବୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ପାଇଁ ଆବଶ୍ୟକ ହୋଇପଡ଼ିଲା। 'ସତ୍ୟାର୍ଥପ୍ରକାଶ'ର ପ୍ରକାଶକୁ ନିର୍ବାପିତ କରିବା ପାଇଁ ଅନେକ ସମ୍ପ୍ରଦାୟର ବ୍ୟକ୍ତିମାନେ ଏହା ବିରୋଧରେ ଖଣ୍ଡନାତ୍ମକ ସାହିତ୍ୟ-ସୃଜନର ଝଞ୍ଜାବାତ ସୃଷ୍ଟି କଲେ। ଏତଦ୍ଦ୍ୱାରା 'ସତ୍ୟାର୍ଥପ୍ରକାଶ'ର ପ୍ରକାଶ ନିର୍ବାପିତ ହେବା ବଦଳରେ ଅଧିକ ଦୀପ୍ତିମାନ୍ ହେଲା, ସତ୍ୟାର୍ଥପ୍ରକାଶର ବହୁଳ ପ୍ରସାର ହେଲା। କାରଣ ଏହି ବିରୋଧୀମାନଙ୍କ ଗ୍ରନ୍ଥ ପଢ଼ି ଯେଉଁମାନେ ସତ୍ୟାର୍ଥପ୍ରକାଶ ବିଷୟରେ ଜାଣିନଥିଲେ ସେମାନେ ବି ସତ୍ୟାର୍ଥପ୍ରକାଶର ବାସ୍ତବିକତା ଜାଣିବା ପାଇଁ ସତ୍ୟାର୍ଥପ୍ରକାଶ ପଢ଼ିଲେ। ଏହା ଦ୍ୱାରା ବହୁତଙ୍କ ବିଚାର ବି ବୈଦିକ ଧର୍ମର ସିଦ୍ଧାନ୍ତ ଆଡ଼କୁ ପରିବର୍ତ୍ତିତ ହୋଇଗଲା। ଏହିଭଳି ଭାବେ ବିରୋଧୀମାନଙ୍କ ବିରୋଧ ଦ୍ୱାରା ବି ବହୁ ବ୍ୟକ୍ତି ବୈଦିକ ଧର୍ମର ଅନୁଯାୟୀ ହେଲେ।

ମୁରାଦାବାଦର ପଂ. ଜ୍ୱାଳାପ୍ରସାଦ ମିଶ୍ର 'ଦୟାନନ୍ଦତିମିର-ଭାସ୍କର' ଲେଖି ସତ୍ୟାର୍ଥପ୍ରକାଶର ଖଣ୍ଡନ କଲେ। ଏହାର ବଳିଷ୍ଠ ଉତ୍ତର ପଣ୍ଡିତ ତୁଳସୀରାମ ସ୍ୱାମୀ 'ଭାସ୍କରପ୍ରକାଶ' ନାମକ ଗ୍ରନ୍ଥ ଲେଖି ୧୯୦୫ରେ ଦେଲେ। ପଂ. ଜ୍ୱାଳାପ୍ରସାଦଙ୍କର ପୁନଃ ଆକ୍ଷେପ କରିବାର ସାହସ ହେଲା ନାହିଁ। ତାଙ୍କ ଭାଇ ପଂ. ବଳଦେବ ପ୍ରସାଦ ମିଶ୍ର 'ଧର୍ମ ଦିବାକର' ଲେଖି 'ଭାସ୍କରପ୍ରକାଶ'ର ସମାଲୋଚନା କଲେ। ପଣ୍ଡିତ ତୁଳସୀରାମ ସ୍ୱାମୀ 'ଦିବାକର ପ୍ରକାଶ' ଲେଖି ତା'ର ମଧ୍ୟ ତାର୍କିକ ଉତ୍ତର ଦେଲେ। ପଣ୍ଡିତ ତୁଳସୀରାମ ସ୍ୱାମୀଙ୍କ ତର୍କ ଓ ପ୍ରମାଣ ସମ୍ୱଳିତ ଲେଖନ ଶୈଳୀ ଦେଖି ବେନି ଭାଇ (ପଂ. ଜ୍ୱାଳାପ୍ରସାଦ ଓ ପଂ. ବଳଦେବପ୍ରସାଦ) ମୌନବ୍ରତ ଅବଲମ୍ୱନ କରିବା ଶ୍ରେୟସ୍କର ମନେକଲେ। ଆଉ କୌଣସି ଆକ୍ଷେପର ଦୁଃସାହସ କଲେ ନାହିଁ। ପଂ. କାଳୁରାମ ଶାସ୍ତ୍ରୀ 'ସତ୍ୟାର୍ଥପ୍ରକାଶ କୀ ଛିଛାଲେଦର' ନାମକ ପୁସ୍ତକ ଲେଖିଲେ। ପଣ୍ଡିତ ରାମଦୁଲାରେ ଚତୁର୍ବେଦୀ 'ସତ୍ୟାର୍ଥପ୍ରକାଶର ଚମତ୍କାର' ନାମକ ପୁସ୍ତକ ଲେଖି ଏହାର ଉତ୍ତର ଦେଲେ, ଯାହାକି ଆର୍ଯ୍ୟସମାଜ ଚାବଡୀ ବଜାର, ଦିଲ୍ଲୀରୁ ୧୯୩୦ରେ ପ୍ରକାଶିତ ହୋଇଛି। ପଂ. ମାଧବାଚାର୍ଯ୍ୟ 'ସତ୍ୟାର୍ଥପ୍ରକାଶ କୀ ଛିଛାଲେଦର' ପୁସ୍ତକ ଲେଖିଲେ। ଯାହାର ଉତ୍ତର କାସଗଞ୍ଜ (ଉ.ପ୍ର)ର ଡଃ. ଶ୍ରୀରାମ ଆର୍ଯ୍ୟ 'ସତ୍ୟାର୍ଥପ୍ରକାଶ କୀ ଛିଛାଲେଦର କା ଉତ୍ତର' ପୁସ୍ତକ ରୂପେ ଦେଲେ। ଏହିଭଳି ଭାବେ ସତ୍ୟାର୍ଥପ୍ରକାଶ ଉପରେ ବେଳେ-ବେଳେ ହେଉଥିବା ଆକ୍ଷେପର ତର୍କ-ପ୍ରମାଣଯୁକ୍ତ ଉତ୍ତର ବୈଦିକ ବିଦ୍ୱାନ୍‌ମାନେ ଦେଇ ଆସୁଛନ୍ତି।

## ମହତ୍ତ୍ୱ ଓ ପ୍ରଭାବ

ବିଗତ ଶହେ ପଚିଶ ବର୍ଷର କାଳଖଣ୍ଡ ମଧ୍ୟରେ ସତ୍ୟାର୍ଥପ୍ରକାଶର ପକ୍ଷ-ବିପକ୍ଷରେ ଶତାଧିକ ପୁସ୍ତକ ଲେଖାଯାଇଛି। (ଦ୍ର: ବିଶ୍ୱଧର୍ମକୋଷ : ସତ୍ୟାର୍ଥପ୍ରକାଶ, ପୃଷ୍ଠା.୧୧୧-୧୧୯)। ଏହି ଗ୍ରନ୍ଥ ଉପରେ ବହୁ ଶାସ୍ତ୍ରାର୍ଥ ବି ହୋଇଛି ଏବଂ ମକଦ୍ଦମା ମଧ୍ୟ ଚାଲିଛି (ଦ୍ର : ଉମାକାନ୍ତ ଉପାଧ୍ୟାୟଙ୍କ 'ଯୁଗନିର୍ମାତା ସତ୍ୟାର୍ଥପ୍ରକାଶ: ସନ୍ଦର୍ଭ ଦର୍ପଣ' ପୃଷ୍ଠା ୨୦୯-୨୭୨)। ଏହାକୁ ରାଜଦ୍ରୋହୀ ପୁସ୍ତକ ବୋଲି ଦର୍ଶାଇ ଇଂରେଜ ସରକାରଙ୍କୁ ଆର୍ଯ୍ୟସମାଜ ବିରୋଧରେ ନିରନ୍ତର

ଉସୁକାଯାଇଛି । ଏହି ଗ୍ରନ୍ଥକୁ ନିଷିଦ୍ଧ କରିବା ପାଇଁ ମଧ୍ୟ ବହୁ ଆନ୍ଦୋଳନ ହୋଇଛି । ଯଥା — ସତ୍ୟାର୍ଥପ୍ରକାଶ ବିରୋଧରେ ପେଶାବର, ଆଲାହାବାଦ ଓ ପଟିଆଲାରେ କ୍ରମଶଃ ୧୮୯୨, ନଭେମ୍ବର ୧୯୦୨ ତଥା ଅକ୍ଟୋବର ୧୯୦୯ରେ ଅଦାଲତରେ ଅଭିଯୋଗ ଚଲାଯାଇଛି । ସଂଯୁକ୍ତ-ପ୍ରାନ୍ତ, ସିନ୍ଧ, ଭୋପାଳ ତଥା ଜାମ୍ମୁ-କାଶ୍ମୀର ପ୍ରଶାସନ ଏହାକୁ କ୍ରମଶଃ ୧୯୧୦, ୧୯୪୩ (ତଥା ୧୯୪୫-୧୯୪୬), ଜୁନ୍ ୧୯୪୮ ତଥା ମଇ ୧୯୮୦ରେ ନିଷିଦ୍ଧ କରିବାକୁ ଚାହିଁଛନ୍ତି । (ଦ୍ର : ସତ୍ୟକେତୁ ବିଦ୍ୟାଳଙ୍କାର କୃତ ଆର୍ଯ୍ୟସମାଜର ଇତିହାସ, ଭାଗ ୨ ଓ ୪) । ଏହିଭଳି ଭାବେ ଏହି ଗ୍ରନ୍ଥର ଜୀବନ-ଯାତ୍ରା ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ । କିନ୍ତୁ 'ସତ୍ୟାର୍ଥପ୍ରକାଶ' ରୂପୀ ସୁନାକୁ ପ୍ରତିଦ୍ୱନ୍ଦ୍ୱୀରୂପୀ ଅଗ୍ନିରେ ଯେତେ ଥର ଦଗ୍ଧ କରାଯାଇଛି, ତା'ର ଆଭା-ବିଭା-ପ୍ରଭା ସେତିକି ତେଜୀୟାନ୍ ହୋଇଛି । ସମସ୍ତ ଘାତ-ପ୍ରତିଘାତ ଭିତରେ ଗତି କରି ଶତାଧିକ ବର୍ଷ ଧରି ବିଭିନ୍ନ କ୍ଷେତ୍ରରେ ଏହାର ଯୋଗଦାନ କ୍ରାନ୍ତିକାରୀ ସିଦ୍ଧ ହୋଇଛି । ଏହି ଗ୍ରନ୍ଥ ଦେଶ-ବିଦେଶର ଅଗଣିତ ପାଠକ-ଚିନ୍ତକଙ୍କ ଚିନ୍ତନ-ଶୈଳୀ ଓ ଜୀବନ-ପଦ୍ଧତିକୁ ପ୍ରଭାବିତ କରିଛି ।

ସତ୍ୟାର୍ଥପ୍ରକାଶରେ ବର୍ଣ୍ଣିତ ବିଷୟ ଅସଂଖ୍ୟ ନ ହେଲେ ବି ବହୁ ସଂଖ୍ୟକ । ଅତଃ ଏହାର ପ୍ରଭାବ ମଧ୍ୟ ବହୁ କ୍ଷେତ୍ରରେ ବ୍ୟାପକ । ଏଣୁ ଜୀବନର ମାର୍ଗଦର୍ଶକ ଗ୍ରନ୍ଥ ରୂପେ ଏହାର ମହତ୍ତ୍ୱ ଅନସ୍ୱୀକାର୍ଯ୍ୟ ହୋଇ ରହିଛି ଓ ସର୍ବଦା ରହିବ । ସେ ସମୟରେ ସମାଜରେ ଦୀର୍ଘକାଳରୁ ବଦ୍ଧମୂଳ ବିଚାରଧାରାକୁ ବିବେଚନାକୁ ନେଲେ ଦାର୍ଶନିକ କ୍ଷେତ୍ରରେ ସତ୍ୟାର୍ଥ ପ୍ରକାଶର ବହୁ ମୌଳିକ ସିଦ୍ଧାନ୍ତର ଯୋଗଦାନ ଅଛି । ଯଥା — ଜଗତ ମିଥ୍ୟା ନୁହେଁ । ଈଶ୍ୱର, ଜୀବ ଓ ପ୍ରକୃତି ଅନାଦି ଓ ଅନନ୍ତ । ଜୀବ ବ୍ରହ୍ମଙ୍କ ଅଂଶ ନୁହେଁ କି ବ୍ରହ୍ମରେ ଲୀନ ହୁଏ ନାହିଁ । ବହୁଚର୍ଚ୍ଚିତ ଅଦ୍ୱୈତବାଦର ଶାସ୍ତ୍ରୀୟ ଆଧାର ସୁଦୃଢ଼ ନୁହେଁ । ଈଶ୍ୱର ଜୀବ ଦ୍ୱାରା କିଛି କରାନ୍ତି ନାହିଁ; ଅପିତୁ ଜୀବ ସ୍ୱୟଂ କର୍ମ କରିବାରେ ସ୍ୱତନ୍ତ୍ର । ସ୍ୱକୃତ ଶୁଭ-ଅଶୁଭ କର୍ମର ଫଳ ତାକୁ ଅବଶ୍ୟ ଭୋଗ କରିବାକୁ ପଡ଼େ । କୌଣସି ନଈ-ପୋଖରୀ ଆଦିରେ ସ୍ନାନ କଲେ, ବ୍ୟକ୍ତି ବିଶେଷ କି ଗୁରୁ-ମାର୍ଗଦର୍ଶକଙ୍କ ଉପରେ ଆସ୍ଥା ସ୍ଥାପନ କଲେ, ସ୍ୱ ପାପର ସ୍ୱୀକାରୋକ୍ତି କି ପ୍ରାୟଶ୍ଚିତ୍ତ କରିଦେଲେ କୌଣସି କର୍ମର ଫଳରୁ କେହି ରକ୍ଷା ପାଇଯିବ ନାହିଁ । ଈଶ୍ୱର କର୍ମଫଳପ୍ରଦାତା ଅଟନ୍ତି । ସେ ନ୍ୟାୟକାରୀ ଓ ପାପକୁ କ୍ଷମା କରନ୍ତି ନାହିଁ । ଏପରି ଅନେକ ମାନ୍ୟତା ସାଙ୍ଗକୁ ସମାଜରେ ଭୁଲ୍ ରୂପେ ପ୍ରସ୍ଥାପିତ ଷଡ଼ଦର୍ଶନର କୃତ୍ରିମ ବିରୋଧର ସମାଧାନ ତଥା ଷଡ଼ଦର୍ଶନର ସମନ୍ୱୟର ପ୍ରବଳ ସମର୍ଥନ ସତ୍ୟାର୍ଥପ୍ରକାଶରେ କରାଯାଇଛି ।

ଧାର୍ମିକ କ୍ଷେତ୍ରରେ ସତ୍ୟାର୍ଥପ୍ରକାଶର ମହତ୍ତ୍ୱପୂର୍ଣ୍ଣ ସୈଦ୍ଧାନ୍ତିକ ଯୋଗଦାନ ହେଲା ଯେ, ଈଶ୍ୱରଙ୍କର କୌଣସି ବିକଳ୍ପ ନାହିଁ । ବିଭିନ୍ନ କଳ୍ପିତ ଦେବାଦେବୀ, ଅବତାର, ପୀର, ପୈଗମ୍ବର, ଗୁରୁ ଆଦି ଈଶ୍ୱରଙ୍କ ସମକକ୍ଷ ନୁହଁନ୍ତି । କେବଳ ଈଶ୍ୱର ହିଁ ଉପାସ୍ୟ ଦେବ । ସେ ସର୍ବଶକ୍ତିମାନ୍, ସର୍ବବ୍ୟାପକ ଓ ସର୍ବଜ୍ଞ । ଦୁଷ୍ଟ ସଂହାର ନିମିତ୍ତ ତାଙ୍କୁ ଅବତାର ନେବାର ଆବଶ୍ୟକତା ପଡ଼େ ନାହିଁ । ଜଳାଶୟକୁ ତୀର୍ଥ ମାନିବା, ମୃତକ-ଶ୍ରାଦ୍ଧ, ମୂର୍ତ୍ତିପୂଜା, ଫଳିତ ଜ୍ୟୋତିଷ, ଝଡ଼ା-ଫୁଙ୍କା, ଗୁଣୀ-ଗାରେଡ଼ି ଆଦି ସବୁ ଅବୈଦିକ ମାନ୍ୟତା ମିଥ୍ୟା ହୋଇଥିବା ହେତୁ ସର୍ବଥା ତ୍ୟାଜ୍ୟ ।

ସାମାଜିକ କ୍ଷେତ୍ରରେ ସତ୍ୟାର୍ଥପ୍ରକାଶର ଯୋଗଦାନ ହେଲା ଯେ ବର୍ଣ୍ଣବ୍ୟବସ୍ଥା ଗୁଣ-କର୍ମ ଆଧାରିତ, ଜନ୍ମ-ଆଧାରିତ ନୁହେଁ । ସତ୍ୟାର୍ଥପ୍ରକାଶରେ ବ୍ରହ୍ମଚର୍ଯ୍ୟ ଓ ବୈବାହିକ ସମ୍ବନ୍ଧର ପବିତ୍ରତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଆଜି ବିଶ୍ୱରେ ପ୍ରତିବର୍ଷ କୋଟି-କୋଟି ଲୋକ ଏଡ୍ସରେ ମୃତ୍ୟୁବରଣ କରୁଛନ୍ତି । ସତ୍ୟାର୍ଥପ୍ରକାଶର ଶିକ୍ଷା ସେଥିରୁ ରକ୍ଷା ପାଇବାର ଏକ ବଳିଷ୍ଠ ସାଧନ । ଋଷିବର ବାଲ୍ୟ-ବିବାହ, ବୃଦ୍ଧ-ବିବାହ, ବହୁ-ବିବାହ, ସତୀପ୍ରଥା ଆଦିର ଖଣ୍ଡନ ଏବଂ ବିଧବା-ବିବାହର ମଣ୍ଡନ କରିଛନ୍ତି । ବିବାହ ନିମନ୍ତେ ବର-କନ୍ୟାଙ୍କ ନ୍ୟୂନତମ ବୟସ ନିର୍ଦ୍ଧାରିତ କରିଛନ୍ତି । ପରିଣାମସ୍ୱରୂପ

ସମାଜରେ  ଧୀରେ-ଧୀରେ ପରିବର୍ତ୍ତନ ଦେଖାଦେଇଛି। ଆର୍ଯ୍ୟସମାଜର ପ୍ରସିଦ୍ଧ ନେତା ଦିୱାନ୍ ବାହାଦୁର ହରବିଳାସ ଶାରଦାଙ୍କ ବଳିଷ୍ଠ ଉଦ୍ୟମରେ ୧୯୨୯ରେ 'ବାଲ୍ୟବିବାହ ନିରୋଧ ଆଇନ୍' ବା 'ଶାରଦା ଆକ୍ଟ' ପ୍ରଣୀତ ହେଲା। ପରବର୍ତ୍ତୀ କାଳରେ ତାକୁ ସଂଶୋଧିତ କରାଯାଇ କନ୍ୟାର ବିବାହ ବୟସ ଅନ୍ୟୂନ  ଅଠର ବର୍ଷ କରାଯାଇଛି। ଦଳିତଙ୍କୁ ଶିକ୍ଷା, ସାମାଜିକ ସମ୍ମାନ ଆଦି ପ୍ରଦାନ କ୍ଷେତ୍ରରେ ସତ୍ୟାର୍ଥପ୍ରକାଶର ଅବିସ୍ମରଣୀୟ ଯୋଗଦାନ ରହିଛି। ଯଦି ଏହା ହୋଇନଥାନ୍ତା, ତେବେ ଦେଶର ଆଉ ଏକ ବିଭାଜନ ଅବଶ୍ୟମ୍ଭାବୀ ଥିଲା।

ଆର୍ଷଗ୍ରନ୍ଥର ଅଧ୍ୟୟନ-ଅଧ୍ୟାପନାର ପୁନଃ ପ୍ରଚଳନର କାରଣ ମଧ୍ୟ ସତ୍ୟାର୍ଥପ୍ରକାଶ ହୋଇଛି। ଅଷ୍ଟାଧ୍ୟାୟୀର ପଠନ-ପାଠନ ଆଦି ମଧ୍ୟ ବ୍ୟକ୍ତି ଆର୍ଯ୍ୟସମାଜୀ ହୋଇଥିବାର ଲକ୍ଷଣ ବୋଲି ଧରି ନିଆଯାଉଛି। ସ୍ୱାଧୀନତା ଆନ୍ଦୋଳନ, ତାହା ଭାରତର ହେଉ କି ମରିଶସ୍ ଭଳି ଅନ୍ୟ ଦେଶର ହେଉ, ତା'ର ପ୍ରଥମ ପ୍ରେରଣା ସ୍ରୋତ ହୋଇ ରହିଛି ସତ୍ୟାର୍ଥପ୍ରକାଶ। ଏଣୁ ମରିଶସ୍‌ରେ ୧୯୯୮ରେ  ସେ ଦେଶକୁ ସତ୍ୟାର୍ଥପ୍ରକାଶ ଆଗମନର ଶତାବ୍ଦୀ ପାଳିତ ହୋଇଛି।  ନାରୀ ଜାଗରଣର ସନ୍ଦେଶ-ବାହକ ମଧ୍ୟ ଏହି ଗ୍ରନ୍ଥ ହୋଇଛି। ଆଜି ସମାଜର ପ୍ରତି ପଦକ୍ଷେପରେ ସତ୍ୟାର୍ଥପ୍ରକାଶର ପ୍ରଭାବ ପରିଲକ୍ଷିତ ହେଉଛି। ଏହି ରୂପେ ଏହି ଗ୍ରନ୍ଥ ଅନେକ ସାହିତ୍ୟିକ, ଦାର୍ଶନିକ, ସାମାଜିକ, ଧାର୍ମିକ ଏବଂ ରାଜନୈତିକ ପରିବର୍ତ୍ତନର ସୂତ୍ରଧାର ହୋଇଛି। ସତ୍ୟାର୍ଥପ୍ରକାଶର ମହତ୍ତ୍ୱ ଓ ପ୍ରଭାବ ଏତେ ଅଧିକ ଯେ, ଏହାକୁ ଏହି କ୍ଷୁଦ୍ର ଲେଖାରେ ସୀମିତ କରିବା ସମ୍ଭବପର ନୁହେଁ। ଏହା ଏକ ପୃଥକ୍ ଆଲୋଚନାର ଆବଶ୍ୟକତା ରଖେ।

❖❖❖

**୩୧ ପୃଷ୍ଠାର ଅବଶିଷ୍ଟାଂଶ...**

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ସୁନ୍ଦରଗଡ଼ | ୦୪ | ୦୦ | ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୩ | ୦୪ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ | ମୟୂରଭଞ୍ଜ | ୦୪ | ୦୦ | ଇଂ. ଅଭୟ କୁମାର ବିଶ୍ୱାଳ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୩ | ୨୧ | ଶ୍ରୀମାନ୍ ସୁରେଶ ଚନ୍ଦ୍ର ପାଣିଗ୍ରାହୀ | ଗଞ୍ଜାମ | ୦୩ | ୦୦ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୩ | ୧୨ | ଶ୍ରୀମାନ୍ ଅମୂଲ୍ୟ କୁମାର ମଲ୍ଲିକ | ଯାଜପୁର | ୦୩ | ୦୦ |
| ଶ୍ରୀମାନ୍ ହେମନ୍ତ କୁମାର ଜେନା | ସୁନ୍ଦରଗଡ଼ | ୦୩ | ୧୨ | ବ୍ରହ୍ମଚାରୀ ପ୍ରିୟେଶ | ଗୁଜରାଟ | ୦୩ | ୦୦ |
| ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୩ | ୧୧ | ଶ୍ରୀମାନ୍ କେ. ଉମେଶ ରାଓ ପାତ୍ର | ବଲାଙ୍ଗିର | ୦୩ | ୦୦ |
| ଶ୍ରୀମାନ୍ ଲକ୍ଷ୍ମଣ ମହାନ୍ତି | କୋରାପୁଟ | ୦୩ | ୧୦ | ଶ୍ରୀମାନ୍ ପ୍ରଶାନ୍ତ କୁମାର ନାୟକ | ବରଗଡ଼ | ୦୩ | ୦୦ |
| ଶ୍ରୀମାନ୍ ରଞ୍ଜିତ କୁମାର ନାୟକ | ସୁନ୍ଦରଗଡ଼ | ୦୩ | ୧୦ | ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୩ | ୦୦ |
| ଶ୍ରୀମାନ୍ ଏ. ସିମାଞ୍ଚଳ ପାତ୍ର | ଗଞ୍ଜାମ | ୦୩ | ୦୮ | ଶ୍ରୀମାନ୍ ଶରତ କୁମାର ହରିଚନ୍ଦନ | ଖୋର୍ଦ୍ଧା | ୦୩ | ୦୦ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୩ | ୦୬ | ଶ୍ରୀମତୀ ଗାୟତ୍ରୀ ନନ୍ଦ | ଅନଗୁଳ | ୦୩ | ୦୦ |
| ଶ୍ରୀମତୀ କସ୍ତୁରୀ ଭୂୟାଁ | କଟକ | ୦୩ | ୦୫ | ଶ୍ରୀମାନ୍ ରବିନାରାୟଣ ଲେଙ୍କା | ଭଦ୍ରକ | ୦୩ | ୦୦ |
| ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ | ସୁବର୍ଣ୍ଣପୁର | ୦୩ | ୦୪ | | | | |

**କ୍ରମଶଃ...**

# ଜୀବନ ନିର୍ମାଣ ଶିବିର

ଧର୍ମପ୍ରେମୀ ସଜ୍ଜନବୃନ୍ଦ,

ସାଦର ନମସ୍ତେ। ମନୁଷ୍ୟ ଜୀବନ ଦୁର୍ଲଭ । ସକଳ ଦୁଃଖରୁ ଉଦ୍ଧାର ପାଇ ନିତ୍ୟ ଆନନ୍ଦ ପ୍ରାପ୍ତି ଏହାର ଲକ୍ଷ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ମନୁଷ୍ୟ ଜୀବନର ବ୍ୟବସ୍ଥିତ, ଯୋଜନାବଦ୍ଧ ନିର୍ମାଣର ଆବଶ୍ୟକତା ଅଛି। ସମୃଦ୍ଧ, ସମୁନ୍ନତ ରାଷ୍ଟ୍ର ଓ ସମାଜ ଗଠନ ନିମନ୍ତେ ମଧ ବ୍ୟକ୍ତିର ଜୀବନ ଆସ୍ତିକ, ଉତ୍କୃଷ୍ଟ, ନୈତିକତାପୂର୍ଣ୍ଣ, ବ୍ୟବସ୍ଥିତ, ଶୃଙ୍ଖଳିତ, ଅନୁଶାସିତ ହେବା ଆବଶ୍ୟକ । ଏହି ବିଷୟକୁ ଧ୍ୟାନରେ ରଖି ଶ୍ରୁତିନ୍ୟାସ ପକ୍ଷରୁ ଏକ ତ୍ରିଦିବସୀୟ ଜୀବନ ନିର୍ମାଣ ଶିବିରର ଆୟୋଜନ କରାଯାଇଛି । ଏହି ଶିବିରରେ କ୍ରିୟାତ୍ମକ ଯୋଗ ସାଧନା, ପଞ୍ଚମହାଯଜ୍ଞ, ଅଷ୍ଟାଙ୍ଗ ଯୋଗ, ଜପବିଧି, ଈଶ୍ୱର-ସମର୍ପଣ, ମାନସିକ ଚାପରୁ ମୁକ୍ତିର ଉପାୟ, ସନ୍ତାନ ନିର୍ମାଣ, ସୁଖୀ ପରିବାର ଆଦି ଅନେକ ଆଧ୍ୟାତ୍ମିକ, ପାରିବାରିକ, ସାମାଜିକ ବିଷୟ ସମ୍ବନ୍ଧରେ ବିସ୍ତାର ପୂର୍ବକ ମାର୍ଗଦର୍ଶନ କରାଯିବ। ଏହି ଶିବିରର —

**ଶିବିରାଧ୍ୟକ୍ଷ** - **ପୂଜ୍ୟ ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ** (ଆସ୍ଥା ଚ୍ୟାନେଲ୍‌ର ବୈଦିକ ପ୍ରବକ୍ତା)
**ପ୍ରଶିକ୍ଷକ** - **ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ** (ଅଧ୍ୟକ୍ଷ, ଶ୍ରୁତିନ୍ୟାସ)
**ବ୍ରହ୍ମଚାରୀ ପ୍ରିୟେଶ ଦର୍ଶନାଚାର୍ଯ୍ୟ** (ରୋଜଡ଼, ଅହମ୍ମଦାବାଦ, ଗୁଜରାଟ)
**ସ୍ଥାନ** - **ସରସ୍ୱତୀ ବିଦ୍ୟାମନ୍ଦିର, ଚହଟା ଘାଟ, ତୁଳସୀପୁର, କଟକ**
**ଦିନାଙ୍କ** - **ତା ୦୨.୧୦.୨୦୧୭ ରିଖ ଠାରୁ ତା ୦୪.୧୦.୨୦୧୭ ରିଖ**
**ସମୟ** - **ପ୍ରାତଃ ୪.୦୦ ଠାରୁ ରାତ୍ରି ୯.୩୦ ପର୍ଯ୍ୟନ୍ତ**
**ପଞ୍ଜୀକରଣ ଶୁଳ୍କ** - **₹ ୬୦୦**

**ବି.ଦ୍ର.:**

- ଶିବିରାର୍ଥୀ ୦୧.୧୦.୨୦୧୭ ସନ୍ଧ୍ୟା ସୁଦ୍ଧା ଶିବିର ସ୍ଥଳରେ ପହଞ୍ଚିବେ ।
- ଆବାସାଦି ବ୍ୟବସ୍ଥାର ନ୍ୟୂନତା ଆଦି ଅନେକ କାରଣରୁ ସୀମିତ ସଂଖ୍ୟକ ଶିବିରାର୍ଥୀ ଗ୍ରହଣ କରାଯିବ । ପ୍ରଥମ ଆବେଦକଙ୍କୁ ପ୍ରାଥମିକତା ଦିଆଯିବ।
- ଶିବିରରେ ଭାଗନେବାକୁ ଆଗ୍ରହୀ ସଜ୍ଜନ ଆବେଦନ ପତ୍ର ପୂରଣ କରି **ଶ୍ରୁତିନ୍ୟାସ, ସି/୭୩, ସେକ୍ଟର-୧୫, ରାଉରକେଲା-୩, ସୁନ୍ଦରଗଡ଼-୭୬୯୦୦୩** ଠିକଣାରେ ସେପ୍ଟେମ୍ବର ୫ ସୁଦ୍ଧା ପହଞ୍ଚାଇବା ବ୍ୟବସ୍ଥା କରିବେ । ଶିବିରରେ ଅଂଶଗ୍ରହଣର ସ୍ୱୀକୃତି ଦୂରଭାଷ ଯୋଗେ ଦିଆଯିବ । ସ୍ୱୀକୃତି ପ୍ରାପ୍ତ କରିବା ପରେ ପଞ୍ଜୀକରଣ ଶୁଳ୍କ ସଂପାଦକ, ଶ୍ରୁତିନ୍ୟାସଙ୍କ ନାମରେ ଉପରଲିଖିତ ଠିକଣାରେ ମନିଅର୍ଡର ଦ୍ୱାରା ପଠାଇ ନିଜ ନାମ ପଞ୍ଜୀକରଣ କରାଇନେବେ । ପଞ୍ଜୀକରଣ ୨୦.୦୯.୨୦୧୭ ସୁଦ୍ଧା ହେବା ଆବଶ୍ୟକ। ଅନ୍ୟଥା ଶିବିରରେ ଅଂଶଗ୍ରହଣ ପାଇଁ ବ୍ୟବସ୍ଥା ସମ୍ଭବ ନୁହେଁ ।
- ୧୧ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ପଞ୍ଜୀକରଣ ଆବଶ୍ୟକ ନୁହେଁ । ତଦୂର୍ଦ୍ଧ୍ୱ ବୟସର ପିଲାଙ୍କ ପଞ୍ଜୀକରଣ କରିବା ଆବଶ୍ୟକ।
- ଫେରିବା ପାଇଁ ରେଳରେ ସଂରକ୍ଷଣ ଆବଶ୍ୟକ ହେଲେ ପୂର୍ବରୁ ହିଁ କରିଥିବେ ।
- ଶିବିରାର୍ଥୀ ସାଥିରେ ସନ୍ଧ୍ୟୋପାସନା, ଯଜ୍ଞବିଧି, ସଂସ୍କୃତି ଜ୍ଞାନ ପୁସ୍ତକ, କଲମ, ଖାତା, ଟର୍ଚ୍ଚ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ ନେଇ ଆସିବେ ।
- ପୁରୁଷମାନେ ଧୋତି-କୁର୍ତ୍ତା, ମହିଳାମାନେ ଧଳା ଶାଢ଼ି ସାଙ୍ଗରେ ନେଇ ଆସିବେ ।

- ଶିବିରାର୍ଥୀ ପୂର୍ଣ୍ଣ ଅନୁଶାସନରେ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଭାଗ ନେବା ଆବଶ୍ୟକ। ନିୟମ ଓ ଅନୁଶାସନ ବିରୁଦ୍ଧ କାର୍ଯ୍ୟ କଲେ ଶିବିରରେ ଅଂଶଗ୍ରହଣ ସ୍ୱୀକୃତି ତୁରନ୍ତ ପ୍ରତ୍ୟାହାର କରି ନିଆଯିବ ଓ ତାଙ୍କୁ ଶିବିର ଛାଡ଼ି ଯିବାକୁ ହେବ ।
- ଶିବିର ଶୁଳ୍କ ଥରେ ଦାଖଲ ହେବା ପରେ କୌଣସି ପରିସ୍ଥିତିରେ ବି ଫେରସ୍ତ କରାଯାଇପାରିବ ନାହିଁ ।
- **ଶିବିର ସ୍ଥଳରେ ପହଞ୍ଚିବା ରାସ୍ତା :** ମହାନଦୀ ରିଙ୍ଗ ରୋଡ, ଚହଟାଘାଟ।

## ନିବେଦକ

ଅଭ୍ୟର୍ଥନା ସମିତି

**ଇଂ. ସୁଶୀଲ ମହାପାତ୍ର** ୯୪୩୭୬୨୫୮୦୦
**ପ୍ର. ଶରତ ଚନ୍ଦ୍ର ସେନାପତି** ୮୭୬୩୭୧୯୧୯୫
**ମହେଶ ପ୍ରସାଦ ମହାପାତ୍ର** ୯୪୩୭୩୧୪୫୨୦
**ପ୍ରଣତି ରାୟ** ୮୮୯୫୧୬୩୧୩୪

ସଂଯୋଜକ : **ପଦ୍ମନାଭ ସ୍ୱାଇଁ** (୯୮୬୧୩୩୫୩୨୧) **ସନ୍ତୋଷ କୁମାର ପଣ୍ଡା** (୯୮୬୧୩୭୨୦୭୬)

ସହ ସଂଯୋଜକ : **ଆନନ୍ଦ ସାମନ୍ତରାୟ** (୮୨୮୦୧୮୯୨୨୯) **ଇଂ. ଅଜୟ ମିଶ୍ର** (୮୨୮୦୪୦୮୩୩୬)

ବ୍ୟବସ୍ଥାପକ : **ଦୁଷ୍ମନ୍ତ ସ୍ୱାଇଁ** (୯୪୩୯୦୦୬୨୭୦) **ଇଂ.କାଳୁଚରଣ ବେହେରା** (୯୪୩୭୦୩୨୪୧୨)

ଉପ ବ୍ୟବସ୍ଥାପକ: **ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ** (୯୮୬୧୩୦୩୦୦୨) **ଶ୍ରୀବତ୍ସ ପାଣିଗ୍ରାହୀ** (୯୭୭୮୬୭୦୧୨୨)
**ରବୀନ୍ଦ୍ର ମହାପାତ୍ର** (୯୪୩୮୧୩୯୩୯୪) **ଇଂ. ଶଶୀଭୂଷଣ ନନ୍ଦ** (୯୫୮୩୩୬୧୩୨୩)

ଆବଶ୍ୟକ ଯୋଗାଯୋଗ :

**ରାଧାଶ୍ୟାମ ସ୍ୱାଇଁ** ୯୯୩୭୭୬୪୧୧୯
**ଲେନିନ୍ ପଟ୍ଟନାୟକ** ୯୩୩୮୮୦୭୯୦୮
**କାବେରୀ ଭୂୟାଁ** ୯୪୩୭୨୦୭୮୦୦
**ଅଭୟ କୁମାର ରଣା** ୯୪୩୯୭୦୦୨୨୪
**ଲିଙ୍ଗରାଜ ଦାଶ** ୯୪୩୭୧୫୫୧୪୨
**ଭାଗ୍ୟଧର ସ୍ୱାଇଁ** ୯୪୩୭୦୭୬୩୭୦
**ପାର୍ବତୀ ସ୍ୱାଇଁ** ୯୮୬୧୫୩୪୦୦୯
**ବିଜୟ କୁମାର ତ୍ରିପାଠୀ** ୯୪୩୭୩୬୬୦୦୪
**ଡା ଜିତେନ୍ଦ୍ର କୁମାର ମାଝି** ୯୪୩୭୫୧୫୦୩୬
**ରବୀନ୍ଦ୍ର ମୋହନ ମିଶ୍ର** ୯୯୩୭୨୪୪୯୦୯

**E-mail :** swainpadmanabha@gmail.com, swamisudhananda@gmail.com, shrutinyas@gmail.com

# ଜୀବନ ନିର୍ମାଣ ଶିବିର

## ଆବେଦନ ପତ୍ର

**ପ୍ରାପ୍ତେଷୁ,**

**ଶ୍ରୀଯୁକ୍ତ ବ୍ୟବସ୍ଥାପକ**
**ଜୀବନ ନିର୍ମାଣ ଶିବିର,**
**ଶ୍ରୁତିନ୍ୟାସ, ସି-୭୩, ସେକ୍ଟର-୧୫, ରାଉରକେଲା-୩**

ମହାଶୟ,

ସପ୍ରେମ ନମସ୍ତେ ।

ଶ୍ରୁତିନ୍ୟାସ ତରଫରୁ ସରସ୍ୱତୀ ବିଦ୍ୟାମନ୍ଦିର, ତୁଳସୀପୁର, କଟକଠାରେ ୨୦୧୭ ଅକ୍ଟୋବର ୦୨ ରୁ ୦୪ ପର୍ଯ୍ୟନ୍ତ ଆୟୋଜିତ ଜୀବନ ନିର୍ମାଣ ଶିବିରରେ ମୁଁ ଭାଗ ନେବାକୁ ଚାହେଁ। ମୁଁ ଶିବିର ସମ୍ବନ୍ଧୀୟ ନିୟମ ତଥା ଅନୁଶାସନ ପୂର୍ଣ୍ଣ ରୂପେ ପାଳନ କରିବି। ଦୟାପୂର୍ବକ ମୋତେ ଶିବିରାର୍ଥୀ ରୂପେ ଭାଗ ନେବାକୁ ଅନୁମତି ପ୍ରଦାନ କରିବେ ବୋଲି ଆଶା ।

**Personal Details**

(ALL SHOULD BE FILLED IN CAPITAL LETTER)

1. Name : ______________________________
2. Father/Husband: ______________________________
3. Date of Birth/Age: ______________________________
4. Occupation : ______________________________
5. Address : ______________________________

   ______________________________

   Dist: ____________________ Pin : ____________________
6. Tel: ____________________ Mob: ____________________
7. E-mail: ______________________________

**Date :**

**Place :** ***Signature***

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୪୦୯ | ୪୨୬ | ୮୩୫ | ୧୭. | ଭଦ୍ରକ | ୧୭ | ୨୪ | ୪୧ |
| ୦୨. | ଖୋର୍ଦ୍ଧା | ୨୪୮ | ୨୦୨ | ୪୫୦ | ୧୮. | ବୌଦ୍ଧ | ୧୫ | ୯୪ | ୧୦୯ |
| ୦୩. | ସୁନ୍ଦରଗଡ଼ | ୧୯୪ | ୪୧୭ | ୬୧୧ | ୧୯. | ଜଗତସିଂହପୁର | ୧୫ | ୪୦ | ୫୫ |
| ୦୪. | କଟକ | ୧୮୪ | ୩୩୭ | ୫୨୧ | ୨୦. | ନୟାଗଡ଼ | ୧୫ | ୧୪ | ୨୯ |
| ୦୫. | ବରଗଡ଼ | ୧୫୯ | ୨୭୭ | ୪୩୬ | ୨୧. | ଝାରସୁଗୁଡ଼ା | ୧୩ | ୦୦ | ୧୩ |
| ୦୬. | କୋରାପୁଟ | ୭୮ | ୧୨୨ | ୨୦୦ | ୨୨. | ଢେଙ୍କାନାଳ | ୧୧ | ୩୮ | ୪୯ |
| ୦୭. | ବଲାଙ୍ଗିର | ୬୨ | ୧୭୧ | ୨୩୩ | ୨୩. | ଯାଜପୁର | ୦୮ | ୩୬ | ୪୪ |
| ୦୮. | ସୁବର୍ଣ୍ଣପୁର | ୫୪ | ୧୫୬ | ୨୧୦ | ୨୪. | କଳାହାଣ୍ଡି | ୦୮ | ୦୮ | ୧୬ |
| ୦୯. | ରାୟଗଡ଼ା | ୫୦ | ୯୨ | ୧୪୨ | ୨୫. | କେନ୍ଦୁଝର | ୦୭ | ୦୫ | ୧୨ |
| ୧୦. | ସମ୍ବଲପୁର | ୪୯ | ୯୫ | ୧୪୪ | ୨୬. | ଗଜପତି | ୦୭ | ୧୦ | ୧୭ |
| ୧୧. | ଅନୁଗୁଳ | ୪୭ | ୧୫୩ | ୨୦୦ | ୨୭. | କେନ୍ଦ୍ରାପଡ଼ା | ୦୬ | ୨୪ | ୩୦ |
| ୧୨. | ବାଲେଶ୍ୱର | ୪୦ | ୨୯ | ୬୯ | ୨୮. | ଦେବଗଡ଼ | ୦୨ | ୧୨ | ୧୪ |
| ୧୩. | ମୟୂରଭଞ୍ଜ | ୩୮ | ୪୬ | ୮୪ | ୨୯. | ନୂଆପଡ଼ା | ୦୨ | ୦୫ | ୦୭ |
| ୧୪. | ପୁରୀ | ୩୪ | ୨୦ | ୫୪ | ୩୦. | ନବରଙ୍ଗପୁର | ୦୧ | ୦୨ | ୦୩ |
| ୧୫. | ମାଲକାନଗିରି | ୩୦ | ୯୦ | ୧୨୦ | ୩୧. | ଅନ୍ୟାନ୍ୟ | ୫୨ | ୬୫ | ୧୧୭ |
| ୧୬. | କନ୍ଧମାଳ | ୨୪ | ୧୪୯ | ୧୭୩ | | **ମୋଟ** | **୧୮୭୯** | **୩୧୫୯** | **୫୦୩୮** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
